

ଶ୍ରୀ ଗଣେଶାୟ ନମଃ....

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈଶ୍ୱିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:141+14 September 2026 (Monday)+Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୧୪୧+୧୪ ସେପ୍ଟେମ୍ବର ୨୦୨୬ (ସୋମବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬


# ୟୁଏଇ ଗସ୍ତରୁ ଓଡ଼ିଶାକୁ ବଡ଼ ନିବେଶ ଆଶା

## ୨.୪୩ ଲକ୍ଷ କୋଟି ନିବେଶ, ୬ ଲକ୍ଷରୁ ଅଧିକ ନିଯୁକ୍ତି ଦାବି



ଭୁବନେଶ୍ୱର,୧୩/୯(ନି/ପ୍ର): ୫ ଦିନିଆ ୟୁଏଇ ଗସ୍ତ ସାରି ଫେରିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଭୁବନେଶ୍ୱରରେ ପହଂଚିବା ପରେ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି । ପହଂଚିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଅଧିକରୁ ଅଧିକ ନିବେଶ ଓ ନିଯୁକ୍ତି ସୃଷ୍ଟି ଆମର ଲକ୍ଷ୍ୟ । ଡବଲ ଇଞ୍ଜିନ ସରକାର ମାଧ୍ୟମରେ ଶିଳ୍ପାୟନକୁ ଗୁରୁତ୍ୱ ଦେବା ଏବଂ ଯୁବପିଢ଼ିଙ୍କ ଭବିଷ୍ୟତ ନିର୍ମାଣ କରିବାପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଜାନୁୟାରୀ ୨୦୨୫ରୁ ଉତ୍କର୍ଷ ଓଡ଼ିଶା ଠାରୁ ଦେଶର ବିଭିନ୍ନ ସହର ଏବଂ ରାଜ୍ୟକୁ ଯାଇ ଆଲୋଚନା କରାଯାଇଛି । ଶିଳ୍ପାୟନକୁ ଏକ ନୂଆ ରୂପ ଦେବା ପାଇଁ ଦିଲ୍ଲୀ, ଗୁଜରାଟ, ହାଇଦ୍ରାବାଦ, କଲିକତା, ମୁମ୍ବାଇ ସହ ସିଙ୍ଗାପୁର ଏବଂ ୟୁଏଇ ଯାଇ ଅଧିକ ପୁଞ୍ଜି ଆଣିବା ପାଇଁ ଯାଇଥିଲୁ । ଏହି ଉଦ୍ୟମ ରାଜ୍ୟ ଅର୍ଥନୀତି ଅଭିବୃଦ୍ଧି ଏବଂ ନିଯୁକ୍ତି ପାଇଁ ଏହି ଫୋକସ କରାଯାଇଛି । ସମୃଦ୍ଧ ଓଡ଼ିଶା ଗଠନ କରିବାରେ ଏହା ଏକ ମାଇଲଷ୍ଟୋନ୍ । ୩ ଦିନରେ ୫୨ଟି ବୈଠକ ହୋଇଛି । ୬ଟି ରାଉଣ୍ଡ ଟେବଲ ବୈଠକ, ୪୬ଟି ୱାନ ଟୁ ୱାନ୍ ହୋଇଛି । କେବଳ ୟୁଏଇ ନୁହଁ ଗଲ୍ଫ କଟ୍ରି, ଜୋର୍ଡାନ, ଏବଂ ଓମାନରୁ ମଧ୍ୟ ଟିମଙ୍କ ସହ ଆଲୋଚନା ହୋଇଛି । ସମୁଦାୟ ୮ଟି ଏମଓୟୁ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି । 'ରାଜ୍ୟକୁ ୨ ଲକ୍ଷ ୪୩ ହଜାର କୋଟି ଟଙ୍କାର ନିବେଶ ଆସିବ । ୬ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ପରୋକ୍ଷରେ ୯ଲକ୍ଷ ନିଯୁକ୍ତି ସମ୍ଭାବନା ଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ।

# ବିଜୟଙ୍କୁ ୟୁକେ ଗସ୍ତ ଅନୁମତି



ନୂଆଦିଲ୍ଲୀ,୧୩/୯:ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଗସ୍ତ ନିମନ୍ତେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଅନୁମତି ମିଳିଥିବା ଜନୈକ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବିଜୟଙ୍କ ୟୁକେ ଗସ୍ତ ସମୟରେ ସେଠାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ସୁରକ୍ଷା ସମେତ ଅନ୍ୟାନ୍ୟ ବ୍ୟବସ୍ଥା କରିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଦର୍ଶାଯାଇଛି । ସୂଚନାଥାଉ କି ରବିବାର ମାଲେସିଆ ମୁଖ୍ୟମନ୍ତ୍ରୀ ଅନୱର ଇବ୍ରାହିମ୍ ଚେନ୍ନଇ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଥିଲା । ତେବେ ସେହି ସମୟରେ ବିଜୟ ୟୁକେ ଗସ୍ତରେ ଯିବାକୁ ଥିବାରୁ ତାମିଲନାଡୁରେ ଅନୁପସ୍ଥିତ ରହିବେ ବୋଲି ଜଣାପଡ଼ିଥିଲା । ଅନୱର ଇବ୍ରାହିମ୍‌ଙ୍କ ନିମନ୍ତେ ତାମିଲନାଡୁ ରାଜ୍ୟପାଳ ଏକ ନୈଶ୍ୟ ଭୋଜିର ଆୟୋଜନ କରିଥିଲେ । ତେବେ ବିଜୟଙ୍କ ୟୁକେ ଗସ୍ତ ପୂର୍ବ ନିର୍ଦ୍ଧାରିତ ଥିବାରୁ ସେ ରବିବାର ତାମିଲନାଡୁରେ ଅନୁପସ୍ଥିତ ରହିବେ ବୋଲି ରାଜ୍ୟ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com


# ଆଜି ବିଶ୍ୱରେ ବୃଦ୍ଧି ପାଉଛି ଅଶାନ୍ତି, ସଙ୍କଟ କୌଣସି ଗୋଟିଏ ଅଚଂଳରେ ସୀମିତ ନାହିଁ



ନୂଆଦିଲ୍ଲୀ,୧୩/୯: ରାଜଧାନୀ ଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀର ଦ୍ୱିତୀୟ ଦିନ ଆରମ୍ଭ ହୋଇଛି । ରୁଷ, ଚୀନ୍ ଏବଂ ୟୁଏଇ ସମେତ ଅନେକ ଦେଶର ରାଷ୍ଟ୍ରମୁଖ୍ୟମାନେ ଉପସ୍ଥିତ ଅଛନ୍ତି । ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ସେ ଚାଲିଥିବା ବିଶ୍ୱ ଉତ୍ତେଜନାଠାରୁ ଆରମ୍ଭ କରି ଭବିଷ୍ୟତର ଚ୍ୟାଲେଞ୍ଜ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ବ୍ରିକ୍ସର ଗ୍ଲୋବାଲ ସାଉଥ୍‌ର ଦେଶଗୁଡ଼ିକ ମଧ୍ୟରେ ବଢ଼ୁଥିବା ବିଶ୍ୱାସ, ବିପର୍ଯ୍ୟୟ ପରିଚାଳନା ଏବଂ ସଂକ୍ରାମକ ରୋଗ ବିଷୟରେ ଆଲୋଚନା କରିଛନ୍ତି । ଭାରତର ସଭାପତିତ୍ୱରେ, ଆମର ସମସ୍ତ ପ୍ରୟାସ ସତର୍କତା, ନବସୃଜନ, ସହଯୋଗ ଏବଂ ସ୍ଥିରତାର ଚାରୋଟି ସ୍ତମ୍ଭ ଉପରେ ନିର୍ମିତ ହୋଇଛି । ମୁଁ ଖୁସି ଯେ ଆପଣଙ୍କ ସହଯୋଗ ଏବଂ ସମର୍ଥନ ସହିତ, ଆମେ ଆମର ସମାନ ଦୃଷ୍ଟିକୋଣକୁ ବିବିଧ ସହଯୋଗରେ ପରିଣତ କରିପାରିଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଜି ବିଶ୍ୱସ୍ତରୀୟ ଚାପ ସୃଷ୍ଟିକାରୀଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି, ଯାହା ସାଧାରଣ ଲୋକଙ୍କ ଜୀବନ ଉପରେ ଅତ୍ୟନ୍ତ ନକାରାତ୍ମକ ଏବଂ ବ୍ୟାପକ ପ୍ରଭାବ ପକାଇଛି । ମହାମାରୀ, ଜଳବାୟୁ ବିପର୍ଯ୍ୟୟ ଏବଂ ଯୋଗାଣ ଶୃଙ୍ଖଳା ବାଧା ପ୍ରମାଣିତ କରିଛି ଯେ ଆଜିର ପରସ୍ପର ସଂଯୁକ୍ତ ବିଶ୍ୱରେ କୌଣସି ସଙ୍କଟ କେବଳ ଗୋଟିଏ ଅଚଂଳରେ ସୀମିତ ନାହିଁ । ତେଣୁ ଆମେ ବ୍ରିକ୍ସ ଗୋଷ୍ଠୀ ମଧ୍ୟରେ ସ୍ଥିରତା ବୃଦ୍ଧି କରିବା ଉପରେ ବିଶେଷ ଗୁରୁତ୍ୱ ଦେଉଛୁ । ଚ୍ୟାଲେଞ୍ଜଗୁଡ଼ିକୁ ତୁରନ୍ତ ଚିହ୍ନଟ କରିବା, ସେଗୁଡ଼ିକ ପାଇଁ ପ୍ରସ୍ତୁତ ହେବା ଏବଂ ତୁରନ୍ତ ପଦକ୍ଷେପ ନେବା ସମାନ ଗୁରୁତ୍ୱପୂର୍ଣ୍ଣ । ଏହି ଦୃଷ୍ଟିକୋଣ ସହିତ, ଆମେ ସଂକ୍ରାମକ ରୋଗ ନିବାରଣ ଏବଂ ପ୍ରତିକ୍ରିୟା ପାଇଁ ଏକ ବ୍ରିକ୍ସ ସମନ୍ୱିତ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା ଉପରେ ସହମତ ହୋଇଛୁ । ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରାରମ୍ଭିକ ଚେତାବନୀ ତଥ୍ୟ ସମନ୍ୱୟ ନିର୍ଦ୍ଦେଶାବଳୀ ବିକଶିତ କରାଯାଇଛି । ବ୍ରିକ୍ସ ଲଜିଷ୍ଟିକ୍ସ ଯୋଗାଣ ଶୃଙ୍ଖଳା ପରିଚାଳନା ଫ୍ରେମୱାର୍କ ଆମର ଯୋଗାଣ ଶୃଙ୍ଖଳାକୁ ଅଧିକ ନିର୍ଭରଯୋଗ୍ୟ ଏବଂ ସ୍ଥିର କରିବାରେ ସାହାଯ୍ୟ କରିବ । ନବସୃଜନ ଅନ୍ତର୍ଗତ ବ୍ରିକ୍ସ ଇନକ୍ୟୁବେଟର ନେଟୱାର୍କଆମର ଷ୍ଟାର୍ଟଅପ୍ ଏବଂ ଇନକ୍ୟୁବେଟରଗୁଡ଼ିକୁ ସଂଯୋଗ କରିବ । ନବସୃଜନଶୀଳ ଏବଂ ସ୍କେଲେବଲ୍ ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ, ଆମେ ବ୍ରିକ୍ସ ଷ୍ଟାର୍ଟଅପ୍ ଇନୋଭେସନ୍ ପାର୍ଣ୍ଣି ପ୍ରସ୍ତାବ ଦେଇଛୁ । ଡିଜିଟାଲ କୃଷି ଉପରେ ବ୍ରିକ୍ସ ନେଟୱାର୍କ ଚାଷୀଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିବ । ଏହା ମାଧ୍ୟମରେ, ଏଆଇ, ଭୂସ୍ଥାନିକ ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ ସାର୍ବଜନୀନ ଭିତିଭୂମିକୁ କୃଷକଙ୍କ ପ୍ରକୃତ ଆବଶ୍ୟକତା ସହିତ ଯୋଡାଯିବ । ପ୍ରଯୁକ୍ତିବିଦ୍ୟା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅସ୍ତ୍ରୀକରଣ ଆମର ସହଭାଗୀ ପ୍ରଗତିକୁ ବାଧା ଦେଇପାରେ, ତେଣୁ ଆମେ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ସମସ୍ତଙ୍କୁ ସାଙ୍ଗରେ ନେଇ ଗୁରୁତ୍ୱାରୋପ କରିଛୁ । ଭାରତ ବ୍ରିକ୍ସ ପ୍ଲାଟଫର୍ମ ମାଧ୍ୟମରେ ବନ୍ଧୁତା, ସହଭାଗୀତା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିଛି । ଆମର ପ୍ରୟାସ ହେଉଛି ଯେ ବ୍ରିକ୍ସ ସହଯୋଗ କେବଳ ସରକାରଙ୍କ ମଧ୍ୟରେ ସୀମିତ ନ ରହେ; ଆମର ଉଦ୍ୟୋଗୀ, ଚାଷୀ, ଗବେଷକ, ମହିଳା, ଯୁବବର୍ଗ ଏବଂ ସାଧାରଣ ନାଗରିକମାନେ ମଧ୍ୟ ସକ୍ରିୟ ଅଂଶଗ୍ରହଣକାରୀ ହୁଅନ୍ତୁ ।

# ସମ୍ବଲପୁରରେ ପୁଲିସର ଏନକାଉଣ୍ଟରେ

## ଦୁର୍ଦ୍ଦାନ୍ତ ଅପରାଧୀ ଇରଫାନ୍ ଗୁରୁତର



ସମ୍ବଲପୁର, ୧୩/୯(ନି/ପ୍ର): ପାର୍ବଣ ପୂର୍ବରୁ ଅପରାଧୀଙ୍କ ବିରୋଧରେ ଆକ୍ସନ୍ ମୋଡ୍‌ରେ ସମ୍ବଲପୁର ପୁଲିସ । ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ । ଏହି କ୍ରମରେ ଆଜି ଭୋର ସମୟରେ ସମ୍ବଲପୁର ସଦର ଥାନା ପୁଲିସର ଏନକାଉଣ୍ଟରରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଗୁରୁତର ଆହତ ହୋଇଛି । ସୂଚନା ଅନୁଯାୟୀ, ସୁଡୁଙ୍ଗା ଜଙ୍ଗଲ ନିକଟରେ ପୁଲିସ ଏହି ଏନକାଉଣ୍ଟର କରିଥିଲା । କେନାଲ ରୋଡ୍‌ରେ ଏକ ମୋଟରସାଇକେଲରେ ସୁନାପାଲିର ମହମ୍ମଦ ଇରଫାନ୍ ତା'ର ଦୁଇଜଣ ସହଯୋଗୀଙ୍କ ସହ ଯାଉଥିବା ବେଳେ ପୁଲିସ ଚଢ଼ାଉ କରିଥିଲା । ପୁଲିସ ଦୁଇଜଣ ସହଯୋଗୀଙ୍କୁ କାବୁ କରିନେଇଥିବା ବେଳେ ଇରଫାନ୍ ଖସିଯିବାକୁ ଚେଷ୍ଟା କରିଥିଲା । ଏହି ସମୟରେ ସେ ପୁଲିସ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇଥିବା ପୁଲିସ ପକ୍ଷରୁ କୁହାଯାଇଛି । ଆତ୍ମରକ୍ଷା ପାଇଁ ପୁଲିସ ପକ୍ଷରୁ ୨ ରାଉଣ୍ଡ ଗୁଳିଚାଳନା କରାଯାଇଥିଲା । ଘଟଣାସ୍ଥଳରୁ ଗୋଟିଏ ପିସ୍ତଲ, ଜୀବନ୍ତ ଗୁଳି, ୩ଟି ଖାଲି ଖୋକା ଏବଂ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି । ଗୁଳିବିଦ୍ଧ ଇରଫାନ୍‌କୁ ଚିକିତ୍ସା ପାଇଁ ବୁର୍ଲା ଭିମସାର ମେଡିକାଲରେ ଭର୍ତ୍ତି କରାଯାଇଛି । ପୁଲିସ ସୂଚନା ଅନୁସାରେ, ଇରଫାନ୍‌ଙ୍କ ନାଁରେ ଡକାୟତି, ରାହାଜାନି ଓ ନିଶାଦ୍ରବ୍ୟ କାରବାର ଭଳି ୨୪ରୁ ଅଧିକ ଅପରାଧିକ ମାମଲା ରହିଛି । ଘଟଣାକୁ ନେଇ ପୁଲିସର ଅଧିକ ତଦନ୍ତ ଜାରି ରହିଛି ।

# ହର୍ମୁଜ୍‌ରେ ପୁଣି ଜାହାଜ ବିସ୍ଫୋରଣ :

## ୧ ମୃତ, ୩ ଆହତ, ଅଜଣା କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ

ତେହେରାନ,୧୩/୯: ହର୍ମୁଜ୍ ପ୍ରଣାଳୀରେ ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଥମିବାର ନା ଧରୁନି । ସାମୁଦ୍ରିକ କ୍ଷେତ୍ରକୁ ନିଜ ନିୟନ୍ତ୍ରଣରେ ନେବାକୁ ଯୁଦ୍ଧ ଜାରି ରହିଛି । ଉଭୟ ଦେଶ ହର୍ମୁଜ୍ ଉପରେ ନିୟନ୍ତ୍ରଣ ଦାବି କରୁଛନ୍ତି, ଏହି ସମୟରେ, ଏହି ସାମୁଦ୍ରିକ ପଥ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ବିପଦର ଆଶଙ୍କା ରହିଛି । ୟୁନାଇଟେଡ୍ କିଙ୍ଗଡମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ ସେଟଂରର ସଦ୍ୟତମ ରିପୋର୍ଟ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀରେ ଆଉ ଏକ ଜାହାଜ ଉପରେ ଆକ୍ରମଣ କରାଯାଇଛି । ଏହି ଆକ୍ରମଣ ଏକ ଅଜଣା କ୍ଷେପଣାସ୍ତ୍ର ଦ୍ୱାରା କରାଯାଇଛି । କିନ୍ତୁ ଜାହାଜଟି କେଉଁ ଦେଶର ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ । ହେଙ୍ଗାମ ଏବଂ କ୍ୱେଶମ୍ ଦ୍ୱୀପପୁଞ୍ଜ ଉପକୂଳରେ ରବିବାର ସକାଳ ପ୍ରାୟ ୫:୦୦ ଟା (୦୧୩୦ ଜିଏମଟି) ସମୟରେ ଏକ ବାଣିଜ୍ୟ ଜାହାଜ ଉପରେ ଆକ୍ରମଣ ହୋଇଥିଲା । ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ତିନି ଜଣ ଆହତ ହୋଇଛନ୍ତି ବୋଲି ଇରାନ ସରକାରୀ ଟିଭି କହିଛି । ତେବେ କ୍ୱେଶମ୍ ସହରର ରାଜ୍ୟପାଳ ଆମିର ତେମୋରି ଆକ୍ରମଣ କିଏ କରିଛି ସେନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ପ୍ରଦାନ କରି ନାହାନ୍ତି । ହର୍ମୁଜ୍ ପ୍ରଣାଳୀର ସବୁଠାରୁ ବଡ଼ ଦ୍ୱୀପ କ୍ୱେଶମ୍ ନିକଟରେ ରାତିସାରା ଅନେକ ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି ।

# ୟୁକ୍ରେନ୍ ଉପରେ ଋଷର ବଡ଼ ଆକ୍ରମଣ

## ୫୦୦ ଡ୍ରୋନ୍ ମାଡ଼ରେ ୯ ମୃତ, ଜେଲେନସ୍କି କହିଲେ ବିନାଶ ଚାହୁଁଛି ମସ୍କୋ



ନୂଆଦିଲ୍ଲୀ,୧୩/୯: ଥମିବନି ଋଷ-ୟୁକ୍ରେନ୍ ଯୁଦ୍ଧ । ପୁଣି ତେଜିଛି ଦୁଇ ଦେଶ ମଧ୍ୟରେ ଲଢ଼େଇ । ଋଷ ସେନା ୟୁକ୍ରେନର ଅନେକ ଅଚଂଳରେ ବଡ଼ ଧରଣର ଏୟାରଷ୍ଟ୍ରାଇକ୍ କରିଛି । ଯେଉଁଥିରେ ୯ ଜଣଙ୍କର ମୃତ୍ୟୁ ହୋଇଛି । ୧୨ ରୁ ଅଧିକ ଆହତ ହୋଇଛନ୍ତି । ସ୍ଥାନୀୟ ଅଧିକାରୀଙ୍କ କହିବା ଅନୁଯାୟୀ,ହି ଆକ୍ରମଣରେ ଆବାସିକ କୋଠା ଏବଂ ଭିତିଭୂମି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ନୂଆଦିଲ୍ଲୀ ୧୮ତମ ବ୍ରିକ୍ସ ସମ୍ମିଳନୀ ଚାଲିଛି । ମଧ୍ୟପ୍ରାଚ୍ୟ ଶାନ୍ତି ଆଣିବା ସମ୍ମିଳନୀର ଲକ୍ଷ୍ୟ ରହିଛି । ଋଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ବି ଭାରତରେ ଉପସ୍ଥିତ ଅଛନ୍ତି । ଏପଟେ ୟୁକ୍ରେନ୍ ଉପରେ ଋଷରୁ ହମଲା ମଧ୍ୟପ୍ରାଚ୍ୟ ଶାନ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି ଯେ, ଶନିବାର ସକାଳୁ ଋଷ ୟୁକ୍ରେନ ଟାର୍ଗେଟ ଉପରେ ପ୍ରାୟ ୫୦୦ ଡ୍ରୋନ୍ ନିକ୍ଷେପ କରିଛି । ଋଷ ଯୁଦ୍ଧ ସାମ୍ନାରୁ ଧ୍ୟାନ ହଟାଇ ଅର୍ଥନୀତି ଉପରେ ଆକ୍ରମଣ କରୁଛି, ଯାହା ଦ୍ୱାରା ଯୁଦ୍ଧକାଳୀନ ପରିସ୍ଥିତିରେ ଲୋକଙ୍କୁ ସାହାଯ୍ୟ କରୁଥିବା ପ୍ରତ୍ୟେକ ଆଧାର ନଷ୍ଟ ହୋଇପାରିବ । କାଉନସିଲ୍ କହିଛି ଯେ, ଋଷୀୟ ସୈନ୍ୟବାହିନୀ ସାଧାରଣ ନାଗରିକଙ୍କ ବ୍ୟକ୍ତିଗତ କାରକୁ ଟାର୍ଗେଟ କରିଛନ୍ତି । ୯୦ ମିନିଟ୍ ମଧ୍ୟରେ ଘଟିଥିବା ତିନୋଟି ପୃଥକ ଘଟଣାରେ ତିନି ଜଣଙ୍କର ମୃତ୍ୟୁ ଘଟିଛି ।ନ୍ୟ ଚାରି ଜଣ ଆହତ ହୋଇଥିଲେ । ପରିଷଦ ସ୍ପଷ୍ଟ କରିଛି ଯେ, ଏଗୁଡ଼ିକ ସାମରିକ ଘାଟି ନୁହେଁ, କିନ୍ତୁ ସାଧାରଣ ନାଗରିକମାନେ ସେମାନଙ୍କର ବ୍ୟକ୍ତିଗତ କାରରେ ସେମାନଙ୍କର ସାଧାରଣ କାର୍ଯ୍ୟ କରୁଛନ୍ତି । କିଭ୍‌ର ପଶ୍ଚିମରେ ଥିବା ଝିଟୋମିର ଅଚଂଳର ଗଭର୍ଣ୍ଣର ଭିଟାଲି ବୁନେଚକୋ କହିଛନ୍ତି ଯେ, ଜଭିଆହେଲ ସହରର ଏକ ତେଜରାତି ଦୋକାନ ଉପରେ ଋଷର ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ବୁନାଚକୋ ନିଶ୍ଚିତ କରିଛନ୍ତି ଯେ ଦୁଇଟି ପେଟ୍ରୋଲ ପମ୍ପ ଏବଂ ଏକ ନାମବିହୀନ ବିଦେଶୀ ବିନିଯୋଗ ଉଦ୍ୟୋଗକୁ ମଧ୍ୟ ଟାର୍ଗେଟ କରାଯାଇଛି ।

# ଭାରତର ଦୃଢ଼ୋକ୍ତି : ଏବେ ଆମେ ନିୟମ କରିବୁ 'ଗ୍ଲୋବାଲ ସାଉଥ୍' ପାଇଁ ୧୦-ସୂତ୍ରୀ ରୋଡମ୍ୟାପ୍



ନୂଆଦିଲ୍ଲୀ,୧୩/୯: ନୂଆଦିଲ୍ଲୀର ଭବ୍ୟ ଭାରତ ମଣ୍ଡପମ୍‌ଠାରେ ଆଜି ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ-୨୦୨୬ର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଛି । ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଗ୍ଲୋବାଲ ସାଉଥ୍' (ବିକାଶଶୀଳ ଦକ୍ଷିଣ ରାଷ୍ଟ୍ର)ର ଅଧିକାର, ସମାନ ପ୍ରତିନିଧିତ୍ୱ ଏବଂ ବିଶ୍ୱସ୍ତରୀୟ ଶାସନ ପ୍ରଣାଳୀରେ ସଂସ୍କାର ପାଇଁ ଏକ ବଳିଷ୍ଠ ଆହ୍ୱାନ ଦେଇଛନ୍ତି । ବିଶ୍ୱ ଶାସନକୁ ଏକ 'କ୍ଷମତା ପିରାମିଡ୍' ସହ ତୁଳନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ବିକାଶଶୀଳ ଦେଶଗୁଡ଼ିକୁ କେବଳ ନିୟମ ପାଳନକାରୀ ଭାବେ ନରଖି ନିୟମ ପ୍ରଣେତା ଭାବେ ଗଢ଼ି ତୋଳିବା ଆବଶ୍ୟକ । ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଏବଂ ବିଶ୍ୱ ବିନ୍ୟାୟ ସଂସ୍ଥାଗୁଡ଼ିକରେ ବାସ୍ତବ ପ୍ରତିନିଧିତ୍ୱ ପାଇଁ ସେ ୧୦-ସୂତ୍ରୀ ରୋଡମ୍ୟାପ୍ ଉପସ୍ଥାପନ କରିବା ସହ ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ସମସ୍ତ ସଦସ୍ୟ ଦେଶଙ୍କ ସମ୍ମତିରେ ଏକ ମିଳିତ ଘୋଷଣାନାମା ଆଣିବାରେ ସଫଳ ହୋଇଛନ୍ତି । ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଉପସ୍ଥିତିରେ ମୋଦୀ କହିଛନ୍ତି, ବିଶ୍ୱର ଚ୍ୟାଲେଞ୍ଜଗୁଡ଼ିକୁ ସାମନା କରିବାରେ ବିକାଶଶୀଳ ଦେଶଗୁଡ଼ିକ ସମ୍ମୁଖରେ ଥିବା ବେଳେ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କୁ ପଛଧାଡ଼ିରେ ରଖାଯାଉଛି । ବର୍ତ୍ତମାନର ବିଶ୍ୱ ଶାସନ ପ୍ରଣାଳୀରେ କେବଳ ସୀମିତ ଧନୀ ଦେଶମାନେ ନିଷ୍ପତି ନେଉଛନ୍ତି । ଏହି ବ୍ୟବସ୍ଥାକୁ ବଦଳାଇ ବିକାଶଶୀଳ ଦେଶମାନଙ୍କୁ ନିୟମ ସୃଷ୍ଟି କରିବାରେ ଅଂଶୀଦାର କରିବାକୁ ସେ ଆହ୍ୱାନ ଦେଇଛନ୍ତି । ତେବେ ଏହି ଆହ୍ୱାନ କୌଣସି ନିର୍ଦ୍ଦିଷ୍ଟ ଦେଶ କିମ୍ବା ପଶ୍ଚିମ ରାଷ୍ଟ୍ରମାନଙ୍କ ବିରୋଧରେ ଉଦ୍ଦିଷ୍ଟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି । ଆମେ କାହା ବିରୋଧରେ ନାହୁଁ, ବରଂ ସମସ୍ତଙ୍କୁ ସାଥିରେ ନେଇ ଆଗକୁ ବଢ଼ିବାରେ ବିଶ୍ୱାସ କରୁ ବୋଲି ପ୍ରକାଶ କରିଛନ୍ତି । ବ୍ରିକ୍ସର ଆଗାମୀ ଦୁଇ ଦଶନ୍ଧିର କାର୍ଯ୍ୟପନ୍ଥା ପାଇଁ ସେ ଏକ ୧୦-ସୂତ୍ରୀ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି, ଯାହା ପ୍ରତିନିଧିତ୍ୱ, ସଂବେଦନଶୀଳତା ଏବଂ ନିୟମ ନିର୍ଦ୍ଧାରଣ ଉପରେ ପର୍ଯ୍ୟବସିତ । ଏହି ଅବସରରେ ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାରରେ ଆଉ ବିଳମ୍ବ କରାଯାଇପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ତାର ସହ କହିଛନ୍ତି । ଏହାସହିତ ବୈଶ୍ୱିକ ଆର୍ଥିକ ସଂସ୍ଥାଗୁଡ଼ିକରେ ଭୋଟିଂ କ୍ଷମତା ଓ ନେତୃତ୍ୱ ନିଷ୍ପତ୍ତି ବିଶ୍ୱ ଅର୍ଥନୀତିର ବାସ୍ତବତାକୁ ପ୍ରତିଫଳିତ କରିବା ଉଚିତ ବୋଲିସେ ଯୁକ୍ତି ଦର୍ଶାଇଛନ୍ତି । ମଧ୍ୟପ୍ରାଚ୍ୟ ସଙ୍କଟ ଓ ଜଳପଥ ସୁରକ୍ଷାକୁ ଦୃଷ୍ଟିରେ ରଖି ସମୁଦ୍ର ଯାତ୍ରୀଙ୍କ ଜରୁରୀ ସହାୟତା ପାଇଁ ଏକ ସୁରକ୍ଷା ନେଟ୍ ?ୱର୍କ ଗଠନ କରିବାକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରସ୍ତାବ ରଖିଛନ୍ତି ।

# ୟୁରୋପୀୟ ଦେଶଗୁଡ଼ିକୁ ପୁଟିନଙ୍କ କଡ଼ା ଚେତାବନୀ



ନୂଆଦିଲ୍ଲୀ,୧୩/୯:ୟୁକ୍ରେନକୁ ସେନା ପଠାଇବା ନେଇ ଚାଲିଥିବା ଆଲୋଚନା ଉପରେ ୟୁରୋପୀୟ ଦେଶଗୁଡ଼ିକୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କଡ଼ା ଚେତାବନୀ ଦେଇଛନ୍ତି । ୟୁକ୍ରେନ ଭୂଖଣ୍ଡରେ କୌଣସି ବିଦେଶୀ ସେନା ମୁତୟନ ହେଲେ ତାହା ସିଧାସଳଖ ରୁଷ୍ ସହ ଯୁଦ୍ଧ ବୋଲି ବିବେଚନା କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ପୁଟିନ କହିଛନ୍ତି ଯେ ମସ୍କୋ ୟୁରୋପ ପାଇଁ କୌଣସି ବିପଦ ସୃଷ୍ଟି କରୁନାହିଁ । ରୁଷ୍‌ର ୟୁରୋପୀୟ ଦେଶଗୁଡ଼ିକ ସହ ବିବାଦରେ ଛନ୍ଦି ହେବାର କୌଣସି କାରଣ ନାହିଁ ଏବଂ ସେମାନଙ୍କୁ ଧମକ ଦେବାର ଆବଶ୍ୟକତା ମଧ୍ୟ ନାହିଁ । ରୁଷ୍ ରାଷ୍ଟ୍ରପତି କହିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ପର୍କିତ ସମସ୍ତ ବିଷୟର ସମାଧାନ ହୋଇସାରିଛି । ସୋଭିଏତ୍ ୟୁନିଅନ୍‌ର ପତନ ପରବର୍ତ୍ତୀ ସମସ୍ତ ଘଟଣାବଳୀ ରୁଷ୍‌ର ସମ୍ମତିକ୍ରମେ ସଂଘଟିତ ହୋଇଥିଲା । ଏହି ଚୁକ୍ତିନାମା ବିରୋଧୀ କୌଣସି ବି ପଦକ୍ଷେପ ରୁଷ୍‌ର ସ୍ୱାର୍ଥ, ଅନ୍ତର୍ଜାତୀୟ ଆଇନର ମୂଳ ନୀତି ଏବଂ ଜାତିସଂଘ ନୀତିର ବିରୋଧୀ ଅଟେ । ୟୁକ୍ରେନରେ ସେନା ମୁତୟନ ପାଇଁ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ଚାଲିଥିବା ଚର୍ଚ୍ଚା ସମ୍ପର୍କିତ ପ୍ରଶ୍ନର ଉତର ଦେଇ ସେ ଏହି ବକ୍ତବ୍ୟ ରଖିଛନ୍ତି । ୨୦୨୨ ଫେବ୍ରୁଆରିରୁ ଆରମ୍ଭ ହୋଇଥିବା ରୁଷ୍-ୟୁକ୍ରେନ ଯୁଦ୍ଧ ବର୍ତ୍ତମାନ ପଚଂମ ବର୍ଷରେ ପ୍ରବେଶ କରିଛି । ଅନେକ ୟୁରୋପୀୟ ଦେଶ ୟୁକ୍ରେନକୁ କ୍ରମାଗତ ସହାୟତା ଯୋଗାଇ ଆସୁଥିବା ବେଳେ ଆମେରିକା ମଧ୍ୟସ୍ଥତା ପାଇଁ ଉଦ୍ୟମ ଚଳାଇଛି । ଚଳିତ ମାସ ପ୍ରାରମ୍ଭରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜାମାତା ଜାରେଡ୍ କୁଶନର ଏବଂ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍ ମୋସ୍କୋ ଗସ୍ତ ପରେ ୟୁକ୍ରେନ ରାଷ୍ଟ୍ରପତି ବୋଲିଡିମିର ଜେଲେନସ୍କିଙ୍କୁ ସାକ୍ଷାତ କରିଥିଲେ । ୧୮ତମ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ପୁଟିନ ଭାରତ ଗସ୍ତରେ ଅଛନ୍ତି । ସମ୍ମିଳନୀର ଆନୁଷ୍ଠାନିକ ଶୁଭାରମ୍ଭ ପୂର୍ବରୁ ଶୁକ୍ରବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ୍ ରାଷ୍ଟ୍ରପତି ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଦୁଇ ନେତା ଆର୍ଥିକ ସହଯୋଗ କାର୍ଯ୍ୟକ୍ରମ ୨୦୩୦ର କାର୍ଯ୍ୟକାରିତା, ବାଣିଜ୍ୟିକ ସମ୍ପର୍କ, ଭିତିଭୂମି, ଶକ୍ତି, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଓ ସଂସ୍କୃତି କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଚର୍ଚ୍ଚା କରିଛନ୍ତି ।



# କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

### ବ୍ୟାଙ୍କ କର୍ମଚାରୀମାନେ ୨୪ ଘଂଟିଆ ଦେଶବ୍ୟାପୀ ହଡ଼ତାଳ

## କେନ୍ଦୁଝର ଜିଲ୍ଲାରେ ମଧ୍ୟ ପ୍ରଭାବ

କେନ୍ଦୁଝର,୧୩/୯(ନି/ପ୍ର):ସାରା ଦେଶରେ ବ୍ୟାଙ୍କ ସେବା ଉପରେ ବଡ଼ ପ୍ରଭାବ ପଡ଼ିବାକୁ ଯାଉଛି । 'ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସର ଆହ୍ୱାନରେ ବ୍ୟାଙ୍କ କର୍ମଚାରୀମାନେ ୨୪ ଘଣ୍ଟିଆ ଦେଶବ୍ୟାପୀ ହଡ଼ତାଳକୁ ଓହ୍ଲାଇଛନ୍ତି । ଆଜିର ଏହି ବନ୍ଦରେ କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରି ଓ ବେସରକରୀ ବ୍ୟାଙ୍କ୍ କର୍ମଚାରି ସାମିଲ ହୋଇଥିବା ବେଳେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସାମ୍ନାରେ ମିଳିତ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ହଡ଼ତାଳ ଯୋଗୁଁ ବିଶେଷ କରି ସରକାରୀ ବ୍ୟାଙ୍କର ଶାଖାଗୁଡ଼ିକରେ କାମ ଠପ୍ ହୋଇଛି । ହଡ଼ତାଳ ପରେ ମାସର ଦ୍ୱିତୀୟ ଶନିବାର, ରବିବାର ଏବଂ ଗଣେଶ ଚତୁର୍ଥୀ ଛୁଟି ଥିବାରୁ ଲଗାତାର ୪ ଦିନ ଧରି ଅନେକ ସ୍ଥାନରେ ବ୍ୟାଙ୍କ ଶାଖା ବନ୍ଦ ରହିବ । ଏହାର ପ୍ରଭାବ ସାଧାରଣ ଗ୍ରାହକ, ବ୍ୟବସାୟୀ ଏବଂ ଛୋଟ-ବଡ଼ ଶିଳ୍ପ ସଂସ୍ଥା ଉପରେ ପଡ଼ିଛି । ଅନେକ ବିଚାରାଧୀନ ଦାବି ପାଇଁ ବ୍ୟାଙ୍କ ୟୁନିଅନଗୁଡ଼ିକ ଏହି ଗୋଟିଏ ଦିନର ଧର୍ମଘଟ ଡାକରା ଦେଇଛନ୍ତି । ଏଥିମଧ୍ୟରୁ ସବୁଠାରୁ ପ୍ରମୁଖ ହେଉଛି ୫ ଦିନିଆ କାର୍ଯ୍ୟ ପ୍ରଣାଳୀ କାର୍ଯ୍ୟକାରୀ କରିବା । ଆଲୋଚନା ସତ୍ୱେ କୌଣସି ଠୋସ୍ ସମାଧାନ ମିଳି ନଥିବାରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ବିକ୍ଷୋଭକାରି ପ୍ରକାଶ କରିଛନ୍ତି । ଏହା ଦ୍ୱାରା ସାଧାରଣ ନାଗରିକ ହାଇରଣ କରିବା ଆମର ଯୋଜନା ନାହିଁ କିନ୍ତୁ ସରକାର୍ ଯଥାଶୀଘ୍ର ଦାବୀ ମାନିବା ଆବଶ୍ୟକ ବୋଲି ଶ୍ରମିକ ନେତା ପ୍ରକାଶ କରିଛନ୍ତି ।

## ତେଲକୋଇ ବିଧାୟକଙ୍କୁ ଧମକ

### ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କଲେ

କେନ୍ଦୁଝର,୧୩/୯(ନି/ପ୍ର):ତେଲକୋଇ ବିଧାୟକ ଡ଼ ଫକିର ମୋହନ ନାଏକଙ୍କୁ ଧମକ ଦେଲେ ଦୁର୍ବୃତ । ଏନେଇ ଅସୁରକ୍ଷିତ ମଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ବାଂଶପାଳ ମଣ୍ଡଲ କାଦକଳା ପଂଚାୟତରେ ଏକ ବୈଠକରୁ ଆରମ୍ଭ ହୋଇ ସୋସିଆଲ ମିଡିଆରେ ଧମକ ପର୍ଯ୍ୟନ୍ତ ଯାଇଥିଲା । ଏନେଇ ତେଲେକୋଇ ବିଧାୟକ ପୋଲିସ ସୁରକ୍ଷା ଲୋଡ଼ିଥିବା ବେଳେ ଦୋଷୀଙ୍କୁ ଦଣ୍ଡ ପାଇଁ ଦାବୀ କରିଛନ୍ତି ।

## ଲକ୍ଷାଧିକ ଟଙ୍କାର ବିଦ୍ୟୁତ ତାର ଚୋରି

### ପୁଲିସକୁ ଡେମୋ ଦେଖାଇଲା ଅଭିଯୁକ୍ତ



ରଣପୁର,୧୩/୯(ନି/ପ୍ର): ଗତ କିଛି ଦିନ ଧରି ନୟାଗଡ଼ ଜିଲ୍ଲା ବାଲୁଗାଁ ଡିଭିଜନ ଅଧୀନ ରଣପୁର ବିଦ୍ୟୁତ ପରିବଟଂନ କାର୍ଯ୍ୟାଳୟ ପରିସରରୁ ଜମା ହୋଇଥିବା ବିଦ୍ୟୁତ୍ ତାର ଚୋରି ହେବା ନେଇ କର୍ମଚାରୀମାନେ ପରିବଟଂନ ଦାୟିତ୍ୱରେ ଥିବା ଯନ୍ତ୍ରୀ ସୁଦର୍ଶନ କଦମ ସିଂଙ୍କୁ ଜଣାଇଥିଲେ । ପରିସରରେ ସି ସି କ୍ୟାମେରା ଓ ସୁରକ୍ଷା ଜଗୁଆଳି ବ୍ୟବସ୍ଥା ନକରି ଯନ୍ତ୍ରୀକାର୍ଯ୍ୟରତ କର୍ମଚାରୀଙ୍କ ଉପରେ ସନ୍ଦେହ ପ୍ରକଟ କରି ଦୋଷାରୋପ କରୁଥିଲେ । ପଦକ୍ଷେପ ନେବାପାଇଁ ତାଗିଦ କରିଥିଲେ । କାର୍ଯ୍ୟରତ କର୍ମଚାରୀ ଲକ୍ଷ୍ମୀଧର ମହାନ୍ତି ଓ କବିରାଜ ପରିଡା ଗତ ସେପଟ୍ମେର ୧୦ ତାରିଖ ରାତିରେ ଚୋର ଧରିବା ପାଇଁ ଛକି ରହିଥିଲେ । ରାତି ଦୁଇଟା ପରେ ଚୋର ପଛପଟ ଗେଟ୍ ଡେଇଁ ଚୋରି କରିବା ସମୟରେ ଜୀବନକୁ ବାଜି ଲଗାଇ ଜଣେ ଚୋରକୁ କାବୁ କରିବା ସମୟରେ ଅନ୍ୟ ଜଣେ ଦଉଡ଼ି ପଳାଇବାକୁ ସକ୍ଷମ ହୋଇଥିଲେ । କାର୍ ଧରି ବାହାରେ ଅପେକ୍ଷା କରିଥିବା ଚୋର ମଧ୍ୟ ପଳାଇ ଯାଇଥିଲା । ସେପଟ୍ମେର ୧୧ ତାରିଖରେ ରଣପୁର ପୁଲିସ ଜିମା ଦେଇଥିଲେ । ଅଭିଯୁକ୍ତ ଜଣକ ନୟାଗଡ଼ କୋସ୍କାର ସମୀର ମହାନ୍ତି(୧୮) । ସମୀର କହୁଛି ସେ ଖୋର୍ଦ୍ଧା ମାଗି କମ୍ପାନୀରେ କାର୍ଯ୍ୟ କରିବା ସହ ମେକାନିକାଲ ଇଞ୍ଜିନିୟରିଂରେ ଡିପ୍ଲୋମା କରିବା ଓ ବରମୁଣ୍ଡା ଶବର ସାହିରେ ସପରିବାର ରହୁଛି । ନୟାଗଡ ଅଂଚଳର କିଛି ଯୁବକଙ୍କ ସାଙ୍ଗରେ ବିଦ୍ୟୁତ୍ ତାର ଚୋରି କରିବାକୁ ଆସିଥିଲା । ତଦନ୍ତରେ ସ୍ୱୀକାର ପରେ ରଣପୁର ଥାନା ପୁଲିସ ଅତିରିକ୍ତ ଉପ ନିରୀକ୍ଷକ ମାଧବ ଚନ୍ଦ୍ର ଦିଗଲଙ୍କ ଆଗରେ ଅଭିଯୁକ୍ତ ସମୀର ଚୋରି ଡେମୋ ଦେଖାଇଥିବା ଜଣା ପଡିଛି । ଅନ୍ୟ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ଶ୍ରୀ ଦିଗଲଙ୍କ ଠାରୁ ସୂଚନା ମିଳିଛି ।

### ଓଏସ୍ଆରଟିସି ବସ୍‌ଷ୍ଟାଣ୍ଡରେ ଅସାମାଜିକଙ୍କ ଉପଦ୍ରବ ଗାଡ଼ି ଭଙ୍ଗାରୁଜା

## ଚକାରୁ ପମ୍ପ କାଢ଼ିନେଲେ ଦୁର୍ବୃତ

ଜୟପୁର,୧୩/୯(ନି/ପ୍ର): ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ଅସାମାଜିକଙ୍କ ଉପଦ୍ରବ ନେଇ ଅଭିଯୋଗ ହୋଇଛି । ବସ୍‌ଷ୍ଟାଣ୍ଡରେ ପାର୍କିଂ ହୋଇଥିବା ଏକାଧିକ ଚାରିଚକିଆ ଗାଡ଼ିର ଟାୟାରକୁ ଧାରୁଆ ଅସ୍ତ୍ରରେ କାଟି ପଙ୍କଚର୍ କରାଯିବା ସହ କେତେକ ଗାଡ଼ିର ଚକାରୁ ପମ୍ପ କାଢ଼ି ନିଆଯାଇଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ପରେ ବସ୍‌ଷ୍ଟାଣ୍ଡର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି । ଜଣେ ବସ୍ ଚାଳକ ବିଜୟ କୁମାର ସାହୁଙ୍କ କହିବାନୁଯାୟୀ, ସେ ପୂର୍ବଦିନ ସନ୍ଧ୍ୟାରେ ନିଜ ଗାଡିକୁ ବସ୍‌ଷ୍ଟାଣ୍ଡ ପରିସରରେ ରଖି ଡ୍ୟୁଟିରେ କଟକ ଯାଇଥିଲେ । ପରଦିନ ସକାଳେ ଫେରିବା ପରେ ଗାଡ଼ିର ଦୁଇଟି ଟାୟାର ପଙ୍କଚର୍ ହୋଇଥିବା ଦେଖିଥିଲେ । ଟାୟାର ଦୋକାନରେ ଯାଂଚ କରିବାରୁ ଗୋଟିଏ ଟାୟାରରେ ପ୍ରାୟ ୧୩ଟି ଓ ଅନ୍ୟଟିରେ ୧୪ଟି ସ୍ଥାନରେ ଧାରୁଆ ଅସ୍ତ୍ରରେ କଟାଯାଇଥିବା ଜଣାପଡ଼ିଥିଲା । ଏହା କେବଳ ଗୋଟିଏ ଗାଡ଼ିରେ ସୀମିତ ନଥିବା ଅଭିଯୋଗ ହୋଇଛି । ବସ୍‌ଷ୍ଟାଣ୍ଡରେ ଦୋକାନ କରିଥିବା ବ୍ୟବସାୟୀ ରବୀନ୍ଦ୍ର କୁମାର ମହାନ୍ତିଙ୍କ କହିଛନ୍ତି ଯେ ତାଙ୍କର ସୁଜୁକି ଡିଜାୟାରର ଦୁଇଟି ଟାୟାର ମଧ୍ୟ କାଟି ପଙ୍କଚର୍ କରାଯାଇଛି । ଏଥିସହ ଏକ ପିକ୍‌ଅପ୍ ସମେତ ପ୍ରାୟ ୪ରୁ ୫ଟି ଗାଡ଼ିର ଟାୟାର ଏଭଳି ଭାବେ ନଷ୍ଟ କରାଯାଇଥିବା ଜଣାପଡ଼ିଛି । ଗାଡ଼ିଗୁଡ଼ିକ ଭଡ଼ାରେ ଯିବା ପାଇଁ ପ୍ରସ୍ତୁତ ଥିବା ବେଳେ ଟାୟାର ନଷ୍ଟ ହେବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି । ଅନ୍ୟପକ୍ଷରେ ବସ୍‌ଷ୍ଟାଣ୍ଡ ପରିସରରେ ଗାଡ଼ି ଭଙ୍ଗାରୁଜା କରାଯିବା ଓ ଚକାରୁ ପମ୍ପ କାଢ଼ି ନିଆଯିବା ଘଟଣାର ପୁନରାବୃତି ରୋକିବା ସହ ବସ୍‌ଷ୍ଟାଣ୍ଡ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଗାଡ଼ି ମାଲିକ ଓ ଚାଳକମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି ।

## ପ୍ରଭାରୀ ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନାଙ୍କ ଦିନିକିଆ ନବରଙ୍ଗପୁର ଗସ୍ତ

### ସେବା ସଂକଳ୍ପ ଅଭିଯାନ–୨୦୨୬ର ପ୍ରସ୍ତୁତି କଲେ ସମୀକ୍ଷା

ନବରଙ୍ଗପୁର,୧୩/୯(ନି/ପ୍ର): ମାନ୍ୟବର ଜିଲ୍ଲା ପ୍ରଭାରୀ ତଥା ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ବିଭାଗର ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା ଆଜି ନବରଙ୍ଗପୁର ଗସ୍ତ କରି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ୨୫ ବର୍ଷର ସେବା, ନିଷ୍ଠା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣ ପ୍ରତି ଅବଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଆଗାମୀ ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଆୟୋଜିତ ହେବାକୁ ଥିବା ସେବା ସଂକଳ୍ପ ଅଭିଯାନ–୨୦୨୬ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଉଥିବା ବିଭିନ୍ନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଉକ୍ତ ସମୀକ୍ଷା ବୈଠକରେ ମାନ୍ୟବର ପ୍ରଭାରୀ ମନ୍ତ୍ରୀ ବିଭିନ୍ନ ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ଅବଗତ ହୋଇ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରଖି ଅଭିଯାନକୁ ସଫଳ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଜିଲ୍ଲାର ପ୍ରତ୍ୟେକ ବ୍ୟକ୍ତି ତଥା ସମାଜର ସମସ୍ତ ବର୍ଗର ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସୂଚନାଯୋଗ୍ୟଯେ, ଏହି ଅଭିଯାନର ଆଗାମୀ ୧୭ ସେପ୍ଟେମ୍ବର ସନ୍ଧ୍ୟାରେ ଜିଲ୍ଲାର ସମସ୍ତ ପରିବାର ସ୍ତରରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଟାରେ ପ୍ରତ୍ୟେକ ପରିବାର ଗୋଟିଏ ଲେଖାଏଁ ମାଟି ଦୀପ ପ୍ରଜ୍ୱଳନ କରିବେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାରମ୍ପରିକ କୁମ୍ଭାର ଓ ସ୍ଥାନୀୟ କାରିଗରଙ୍କ ସହଯୋଗରେ ପ୍ରାୟ ୧ କୋଟି ମାଟି ଦୀପ ପ୍ରସ୍ତୁତ ଓ ବଂଟନ କରାଯିବ । ସେହିଭଳି ୧୮ରୁ ୨୪ ସେପ୍ଟେମ୍ବର ମଧ୍ୟରେ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ 'ବିକଶିତ ଭାରତ' ଓ '୨୫ ବର୍ଷର ସେବା' ବିଷୟକୁ ନେଇ ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା ଆୟୋଜିତ ହେବ । ୨୦ରୁ ୩୦ ସେପ୍ଟେମ୍ବର ମଧ୍ୟରେ ଗତ ୨୫ ବର୍ଷର ସେବା କାର୍ଯ୍ୟ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାର ସଫଳତାକୁ ନେଇ ସ୍କୁଲ, କଲେଜ, ପଚାଂୟତ, ସମୁଦାୟ କେନ୍ଦ୍ର ଓ ସାର୍ବଜନୀନ ସ୍ଥାନରେ ସଙ୍ଗୀତମୟ ନାଟ୍ୟ ପରିବେଷଣ କରାଯିବ । ୨୬ ସେପ୍ଟେମ୍ବରରୁ ୭ ଅକ୍ଟୋବର ମଧ୍ୟରେ




ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଆଙ୍ଗନ କା ଉତ୍ସବ ପାଳନ ଅବସରରେ ପୁଷ୍ଟି, ସ୍ୱାସ୍ଥ୍ୟ ଓ ମହିଳା ସମ୍ବନ୍ଧୀୟ ଯୋଜନା ଉପରେ ସଚେତନତା ସୃଷ୍ଟି ସହ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସହାୟିକା ଓ ହିତାଧିକାରୀ ମାଆମାନଙ୍କୁ ସମ୍ମାନିତ କରାଯିବ । ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ମଧ୍ୟରେ ସରକାରୀ ଯୋଜନା ମାଧ୍ୟମରେ ନାଗରିକଙ୍କ ଜୀବନରେ ଆସିଥିବା ସକାରାତ୍ମକ ପରିବର୍ତ୍ତନର ବାସ୍ତବ କାହାଣୀ ଓ ଭିଡିଓ ସଂଗ୍ରହ କରାଯାଇ ଡିଜିଟାଲ ଡାଟା ବ୍ୟାଙ୍କ ପ୍ରସ୍ତୁତ କରାଯିବ ଏବଂ ସୋସିଆଲ ମିଡିଆରେ ପରିବର୍ତ୍ତନର କାହାଣୀ ଭାବେ ପ୍ରଚାର ପ୍ରସାର କରାଯିବ । ଏହି ଅଭିଯାନ ଅବସରରେ ଜିଲ୍ଲାର ଡିଜିଟାଲ କଣ୍ଟେଂଟ କ୍ରିଏଟର ଓ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରମାନଙ୍କୁ ସାମିଲ କରି ପ୍ରମୁଖ ବିକାଶ ପ୍ରକଳ୍ପ ଓ ପରିବର୍ତ୍ତନ ଆସିଥିବା ସ୍ଥାନଗୁଡ଼ିକ ପରିଦର୍ଶନ କରାଯିବ । ଏଥିରେ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ ରହିବ । ୭ ଅକ୍ଟୋବର ଦିନ ଜିଲ୍ଲା ଓ ଗ୍ରାମସ୍ତରରେ ପଦଯାତ୍ରା କିମ୍ବା ବାଇକ୍ ଯାତ୍ରା ମାଧ୍ୟମରେ 'ସେବା ଜ୍ୟୋତି' ଯାତ୍ରା ଆୟୋଜିତ ହେବ । ଏହାପରେ ଚୟନିତ ସହରଗୁଡ଼ିକରେ ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି ବୃହତ୍ ଆକାରର 'ଭାରତ ମଣ୍ଡଳ' ରଙ୍ଗୋଲି ପ୍ରସ୍ତୁତ କରାଯିବ । ସେହିଭଳି ରାଷ୍ଟ୍ରୀୟ ନବସୃଜନର ଆହ୍ୱାନ ଉଦେଶରେ ସ୍ଥାନୀୟ ଶ୍ରେଷ୍ଠ ଇନୋଭେଟର ଓ ଷ୍ଟାର୍ଟଅପଗୁଡ଼ିକୁ ନେଇ ପ୍ରଦର୍ଶନୀ, ଲାଇଭ୍ ଡେମୋ ଓ ଯୁବ ସଂବାଦ ଆୟୋଜନ କରାଯିବ । ବ୍ଲକସ୍ତରରେ 'ସେବା ସେତୁ' କ୍ୟାମ୍ପ ଆୟୋଜନ କରାଯାଇ ନାଗରିକମାନଙ୍କୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ଜନକଲ୍ୟାଣକାରୀ ଯୋଜନାର ସୂଚନା ଓ ଲାଭ ଗୋଟିଏ ସ୍ଥାନରେ ଯୋଗାଇ ଦିଆଯିବ । ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନା ସହ ଯୋଡ଼ିବା ଓ ଆବେଦନ କରିବାରେ ମଧ୍ୟ ସହାୟତା କରାଯିବ । ଏହାସହ ରକ୍ତଦାନ ଶିବିର, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ପରୀକ୍ଷା, ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା ଭଳି ୨୫ଟି ପ୍ରମୁଖ ସେବାମୂଳକ କାର୍ଯ୍ୟକଳାପ ମଧ୍ୟରୁ ଅନ୍ୟୁନ ଗୋଟିଏ କାର୍ଯ୍ୟରେ ନାଗରିକମାନଙ୍କୁ ସାମିଲ ହେବାକୁ ପ୍ରୋତ୍ସାହିତ କରାଯିବ ।

### ପୂଜାସ୍ଥଳ ନିକଟରେ ନୂତନ ମଦ ଦୋକାନକୁ ବିରୋଧ, ତାଲା ପକାଇଲେ ମହିଳା

ଯୋଡ଼ା,୧୩/୯(ନି/ପ୍ର):କେନ୍ଦୁଝରଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଦେଓଝର ପଚାଂୟତର ସିଆଲଯୋଡ଼ା ଗାଁର ପୂଜାସ୍ଥଳୀ ନିକଟରେ ଏକ ନୂତନ ବିଦେଶୀ ଦୋକାନ ଖୋଲାଯାଇଛି । ଏହାକୁ ବିରୋଧ କରି ଅଚଂଳର ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦୋକାନରେ ତାଲା ପକାଇଦେଇଛନ୍ତି । ଗାଁର ମହିଳାମାନେ ଏକତ୍ରିତ ହୋଇ ଦୋକାନ ଖୋଲିବାକୁ ପ୍ରବଳ ବିରୋଧ କରିଥିଲେ । ବିକ୍ଷୋଭ କରୁଥିବା ମହିଳା କହିଛନ୍ତି, ଗାଁର ପୂଜାଶାଳ (ସ୍ଥଳୀ) ନିକଟରେ ମଦ ଦୋକାନ ଖୋଲା ଗଲେ ଗାଁର ଧାର୍ମିକ ଭାବନା କ୍ଷୁଣ୍ଣ ହେବା ସହ ମଦୁଆ ଓ ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଗାଁର ଶିଶୁ ଓ ମହିଳା ଅସୁରକ୍ଷିତ ହେବା ଆଶଙ୍କା ରହିଛି । ଏପରିକି ନିକଟରେ ଗାଁର ଖେଳ ପଡିଆ ଓ ସ୍କୁଲ ରହିଥିବା ରହିଥିବା ବେଳେ ଏହାର କୁପ୍ରଭାବ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଉପରେ ପଡ଼ିବ ବୋଲି ମହିଳାମାନେ କହିଛନ୍ତି । ବିରୋଧ କରି ଦୋକାନରେ ମହିଳାମାନେ ଚାବି ପକାଇଥିଲେ । ମଦ ଦୋକାନ ଖୋଲିବା ନେଇ ଗାଁ ରେ କୌଣସି ପଲ୍ଲୀସଭା କରାନଯାଇ ଏହି ମଦ ଦୋକାନ ଖୋଲା ଯାଇଥିବାରୁ ଏହାକୁ ପ୍ରବଳ ବିରୋଧ କରିବା ସହ ଏନେଇ ସ୍ଥାନୀୟ ସରପଚଂଙ୍କୁ ଏକ ଦାବିପତ୍ର ଦିଆଯାଇଛି ।



### ଜଳ ଏବଂ ମୃତିକା ସଂରକ୍ଷଣ ଉପରେ ଦୁଇ ଦିବସୀୟ ଆବାସିକ ତାଲିମ କାର୍ଯ୍ୟକ୍ରମ

ଜୟପୁର,୧୩/୯(ନି/ପ୍ର): ଯପୁର ସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଜଳ ଏବଂ ମୃତିକା ସଂରକ୍ଷଣ ପ୍ରଣାଳୀ ଉପରେ ଏକ ଦୁଇ ଦିବସୀୟ ଆବାସିକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ନନ୍ଦପୁର, ସେମିଳିଗୁଡ଼ା, ପଟ୍ଟାଙ୍ଗି ଏବଂ କୋରାପୁଟ ବ୍ଲକର ୫୦ରୁ ଅଧିକ ଚାଷୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡକ୍ଟର କାର୍ତିକ ଚରଣ ଲେଙ୍କା ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ଏହି ଦୁଇଦିନିଆ ଆବାସିକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ । ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଅର୍ଜମାଦତ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ କୃଷି ଓ ପରିବେଶ କ୍ଷେତ୍ରରେ ମୃତିକା ଓ ଜଳର ଗୁରୁତ୍ୱ ସମ୍ପର୍କରେ ନିଜର ଅଭିଜ୍ଞତା ବାଂଟିବା ସହିତ ଅଂଶଗ୍ରହଣ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ମୁଖ୍ୟ ବୈଜ୍ଞାନିକ ଡକ୍ଟର ଧ୍ରୁବ ଚରଣ ସାହୁ ତାଙ୍କ ସହ ଯୋଗ ଦେଇଥିଲେ

### କୁମୁଲିପୁଟ ଓ କେବିଡି ପଂଚାୟତରେ ବିଡିଓଙ୍କ ବିକାଶ କାର୍ଯ୍ୟ ସମୀକ୍ଷା

ଜୟପୁର,୧୩/୯(ନି/ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ଓ କେବିଡି ପଂଚାୟତ ଅଂଚଳ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ସମୀକ୍ଷା କରିଛନ୍ତି ଜୟପୁର ବିଡିଓ ଶକ୍ତି ମହାପାତ୍ର । ପ୍ରଶାସନିକ ଅଧିକାରୀଙ୍କ ସହ ଶ୍ରୀ ମହାପାତ୍ର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ, ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଭିତିଭୂମି, କାର୍ଯ୍ୟର ଅଗ୍ରଗତି ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ସରକାରୀ ଯୋଜନାର ସୁଫଳ ଯେପରି ଲୋକଙ୍କ ନିକଟରେ ସଠିକ୍ ଭାବେ ପହଂଚେ, ସେଥିପାଇଁ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ପରିଦର୍ଶନ ସମୟରେ କୁମୁଲିପୁଟସ୍ଥିତ ଏସ୍ଏସ୍‌ଡି ହାଇସ୍କୁଲ, ରାବଣାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ବିଡିଓ ଶ୍ରୀ ମହାପାତ୍ର ପରିଦର୍ଶନ କରିଥିଲେ । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ, ଆବଶ୍ୟକୀୟ ସୁବିଧା ଓ ଭିତିଭୂମି ସମ୍ପର୍କରେ ସେ ଅବଗତ ହୋଇଥିଲେ । ରାବଣାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କେତେକ ପୁରୁଣା ଗୃହ ଜରାଜୀର୍ଣ୍ଣ ହୋଇପଡ଼ିଥିବାବେଳେ ନୂତନ ଶ୍ରେଣୀଗୃହ ମଞ୍ଜୁର ହୋଇଛି । ଏଥିପାଇଁ ସ୍ଥାନ ଚିହ୍ନଟ କରାଯାଇଥିବା ଏବଂ ବର୍ଷା ଋତୁ ଶେଷ ହେବା ପରେ ବିଦ୍ୟାଳୟର ସାମଗ୍ରିକ ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଡିଓ ସୂଚନା ଦେଇଥିଲେ । ସେହିପରି ରାବଣାଗୁଡ଼ାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ବର୍ଷା ଋତୁରେ ଦେଖାଦେଇଥିବା ସମସ୍ୟା ଓ ଡାକ୍ତରଖାନାର ଭିତିଭୂମି ସମ୍ପର୍କରେ ଡାକ୍ତରୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଆବଶ୍ୟକ ମରାମତି କାର୍ଯ୍ୟ ପାଇଁ ରାସ୍ତା ଓ କୋଠାବାଡ଼ି ବିଭାଗ ସହ ସମନ୍ୱୟ କରାଯାଇ ବ୍ଲକ ପକ୍ଷରୁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ କୁମୁଲିପୁଟ ପଂଚାୟତରେ ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜମି ସମସ୍ୟା ମୁଖ୍ୟ ପ୍ରତିବନ୍ଧକ ସାଜିଛି । ଆମ୍ଭାଗୁଡ଼ା ଅଂଚଳରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ପ୍ରାୟ ୯୦ ପ୍ରତିଶତ ଶେଷ ହୋଇଥିବା ବେଳେ କୁମୁଲିପୁଟରେ ସରକାରୀ ଜମି ଅଭାବରୁ ପ୍ରକଳ୍ପଟି ଆଗେଇ ପାରିନାହିଁ । ତହସିଲଦାର ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ କମିଟି ଗଠନ କରି ଜମି ଚିହ୍ନଟ ପ୍ରକ୍ରିୟା ଶୀଘ୍ର ଶେଷ କରାଯିବ । ଜମି ଚିହ୍ନଟ ପରେ ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ସମେତ ଅନ୍ୟାନ୍ୟ ବିକାଶ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ ବୋଲି ବିଡିଓ କହିଥିଲେ । କୁମୁଲିପୁଟ ଓ କେବିଡି ପଂଚାୟତର ବିଭିନ୍ନ କାର୍ଯ୍ୟସ୍ଥଳ ପରିଦର୍ଶନ ସମୟରେ ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ମାନ, ଅଗ୍ରଗତି ଓ ଲୋକଙ୍କ ପାଇଁ ଉପଯୋଗିତା ଯାଂଚ କରାଯାଇଥିଲା । ଏଥିସହ ପଂଚାୟତ ଅଂଚଳର ମୌଳିକ ସୁବିଧା, ଆବଶ୍ୟକତା ଓ ବିଭିନ୍ନ ସମସ୍ୟା ନେଇ ଅଧିକାରୀ ଓ କର୍ମଚାରୀଙ୍କ ସହ ବିଡିଓ ଆଲୋଚନା କରିଥିଲେ । ଅଂଚଳର ଆବଶ୍ୟକତାକୁ ଆଧାର କରି ଅଧିକ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେବା ସହ ସାଧାରଣ ଲୋକଙ୍କ ମୌଳିକ ସୁବିଧାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

## ନୁଆଁଖାଇ ପାଇଁ ଆଲୋକରେ ଝଲସିବ ଦେବୀଙ୍କ ମନ୍ଦିର

### ପାଟଣେଶ୍ୱରୀ ଓ ସମଲେଶ୍ୱରୀ ଦୁଇଟି ଗେଟ ନିର୍ମାଣ କରିବ ପୌର ପ୍ରଶାସନ

ବଲାଙ୍ଗିର,୧୩/୯(ନି/ପ୍ର): ବଲାଙ୍ଗିର ନୁଆଁଖାଇ ପାଇଁ ସହରସାରା ଭିଡ ଜମିଥିବା ବେଳେ ମନ୍ଦିର ଓ ରାସ୍ତାଘାଟ ଆଲୋକ ସଜ୍ଜାରେ ପ୍ରସ୍ତୁତି ଚାଲିଛି । ଏ ନେଇ ଦେବାଳୟ ସୁରକ୍ଷା କମିଟି ପୌର ପ୍ରଶାସନ ନିକଟରେ ବିଭିନ୍ନ ଦାବି ନେଇ ଦ୍ୱାରସ୍ଥ ହୋଇଥିଲା । ବଲାଙ୍ଗିର ୧୮୭୨ ମସିହାରେ ନୂତନ ଭାବେ ରାଜଧାନୀ ସ୍ଥାପନ ହୋଇଥିବା ବେଳେ ପୂର୍ବରୁ ବଲରାମ ଗଡ ଭାବେ ମୁଖ୍ୟ ଭୂମିକା ନେଇଥିଲା । ପାଟଣାର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଗଡର ଇଷ୍ଟଦେବୀ ଭାବେ ପୂଜା ପାଇ ଆସୁଛନ୍ତି । ୧୯୧୫ ମସିହାରେ ମାଁ ପାଟଣେଶ୍ୱରୀ ଦେବୀଙ୍କ ସାନ ଭଉଣୀ ମାଁ ସମଲେଶ୍ୱରୀ ବି ପୂଜା ପାଉଛନ୍ତି ଏହି ଗଡରେ । ରାଜ ଶାସନ ହାତରୁ ଚାଲିଯାଇଥିବା ବେଳେ ସରକାରଙ୍କ ହାତରେ ଚାଲିଛି । ବଲାଙ୍ଗିର ସହର ସୌନ୍ଦର୍ଯ୍ୟକରଣ, ବିଭିନ୍ନ ଚିତ୍ର ଛବି ଓ ଐତିହ୍ୟ ସୁରକ୍ଷା ନିମନ୍ତେ ବଲାଙ୍ଗିର ମ୍ୟୁନିସିପାଲିଟି ବିଭିନ୍ନ ପ୍ରୟାସ କରି ଆଗକୁ ନେଇଛି । ଗଡର ଇଷ୍ଟଦେବୀ କୁ ସମ୍ମାନ ଦେଇ ମୁଖ୍ୟ ଏନ୍‌ଏଚ୍ ୨୬ ରେ ମାଁ ପାଟଣେଶ୍ୱରୀ ଓ ମା ସମଲେଶ୍ୱରୀଙ୍କ ନାମରେ ଦ୍ୱାର ନିର୍ମାଣ, ଯାହାକି ସମ୍ବଲପୁର କିମ୍ବା ଟିଟିଲାଗଡ ରାସ୍ତାରେ ଗେଟ ନିର୍ମାଣ କରିବା ପାଇଁ ଦାବି । ଏନ୍‌ଏଚ୍ ୫୭ ଯାହାକି ପାଟଣାଗଡ ଦେଇ ରାସ୍ତା ନିର୍ମାଣ କରିବା ପାଇଁ ଦାବି । ବଲାଙ୍ଗିର ମ୍ୟୁନିସିପାଲିଟି ସମ୍ମୁଖରେ ପୁରୁଣା ରାଜଭାଟି ମୁଖ୍ୟ ଗେଟ ଐତିହ୍ୟ ବହନ କରୁଥିବା ଏବେ ବିପଦ ସଂକୁଳ ଅବସ୍ଥାରେ ଏହି ଗେଟର ବଲାଙ୍ଗିର ଇତିହାସ ରେ ବେଶ ପରିଚୟ ।ଏହାର ସୁରକ୍ଷା ନିମନ୍ତେ ମ୍ୟୁନିସିପାଲିଟି ସୌନ୍ଦର୍ଯ୍ୟକରଣ ଓ ମରାମତି କରିବା ପାଇଁ ଦାବି । ଆଗାମୀ ୧୫ ତାରିଖ ଦିନ ପଶ୍ଚିମ ଓଡିଶାର ନୁଆଁଖାଇ



ଆନନ୍ଦ ଉଲ୍ଲାସରେ ପାଳନ ହେବାକୁ ଯାଉଥିବା ବେଳେ ମାଁ ପାଟଣେଶ୍ୱରୀ ମନ୍ଦିର ଓ ମାଁ ସମଲେଶ୍ୱରୀ ମନ୍ଦିର ଆଲୋକ ଓ ଫୁଲରେ ସାଜସଜ୍ଜା ସହ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଲିଖିତ ଭାବେ ଦାବି କରିଛନ୍ତି । କମିଟି ର ବିଭିନ୍ନ ଦାବିକୁ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଗୁରୁତ୍ୱ ଭାବେ ଗ୍ରହଣ କରିଛନ୍ତି । ନୂତନ ଭାବେ ଗଡର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଦ୍ୱାର ଓ ସମଲେଇଶ୍ୱରୀ ଦ୍ୱାର ପାଇଁ ଦୁଇ ଗୋଟି ଗେଟ ନିର୍ମାଣ ଐତିହ୍ୟ ବହନ କରୁଥିବା ପୁରାତନ ରାଜଭାଟି ଗେଟ ସ୍ୱତନ୍ତ୍ର ଭାବେ ଏହାର ମରାମତି କରିବା ପାଇଁପ୍ରତିଶୃତିଦେଲେ । ନୁଆଁଖାଇ ପାଇଁ ଦୁଇ ଦେବିଙ୍କ ମନ୍ଦିର ଆଲୋକ ସଜ୍ଜାରେ ଝଲସିବ ବୋଲି ପ୍ରତିଶୃତି ଦେଇଥିଲେ । ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଜୟକୃଷ୍ଣ ମିଶ୍ର, ଉପଦେଷ୍ଟା ସୁରେନ୍ଦ୍ର ନେଗୀ, ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ରିଟୁଂ ସାହୁ ପ୍ରମୁଖ ସାମିଲ ଥିଲେ ।

# ବିବିଧା

## କେଉଁମାନେ କାକୁଡ଼ି ଖାଇବା ଉଚିତ୍ ନୁହେଁ...



ଖରାଦିନ ଲାଗି କାକୁଡ଼ି ସବୁଠାରୁ ଉତ୍ତମ । ଏଥରେ ପ୍ରଚୁର ଜଳୀୟାଂଶ ଥିବା ହେତୁ ଶରୀରକୁ ଥଣ୍ଡା ଓ ହାଇଡ୍ରେଟିଂ ରଖିଥାଏ । ଏଥିଲାଗି ଅନେକ ଖରାଦିନେ କାକୁଡି ଖାଇବାକୁ ଭଲ ପାଆନ୍ତି । କାକୁଡ଼ି ଶରୀରକୁ ଥଣ୍ଡା ରଖିବା ସହିତ ପାଚନ କ୍ରିୟା ଠିକ୍ କରେ ଓ ଓଜନ ନିୟନ୍ତ୍ରଣ ରଖିଥାଏ । ତ୍ୱଚା ଲାଗି ଏହା ଗୁଣକାରୀ । କିଛି ଲୋକଙ୍କ ପାଇଁ କାକୁଡି ଖାଇବା ଶରୀର ଲାଗି କ୍ଷତିକାରକ । ଆସନ୍ତୁ ଜାଣିବା କେଉଁମାନେ କାକୁଡି ଖାଇବା ଉଚିତ ନୁହେଁ ଓ କେଉଁମାନେ କାକୁଡି ଖାଇବାରେ ଧ୍ୟାନ ରଖିବା ଉଚିତ...

**କଫଦୋଷ:** ଆୟୁର୍ବେଦ ଅନୁସାରେ କାକୁଡିରେ ଥଣ୍ଡା ଅଂଶ ବହୁ ପରିମାଣର ରହିଛି । ଯଦ୍ୱାରା ଶରୀର କଫ ଦୋଷକୁ ବଢ଼ାଇଥାଏ । ଏଥିଲାଗି ବାରମ୍ବାର ଥଣ୍ଡା, କାଶ, କଫ ବା ସାଇନସ ସମସ୍ୟା ଥିଲେ କାକୁଡି ଆଦୌ ଖାଇବା ଲଚିତ ନୁହେଁ ।

**ପାଚନ ସମ୍ବନ୍ଧୀୟ ସମସ୍ୟା:** କାକୁଡିରେ ଫାଇଭର ଅଧିକ ମାତ୍ରାରେ ରହିଛି। ତେଣୁ ଏହାକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ଗ୍ୟାସ, ବାନ୍ଧି ବଦହଜମି ସମସ୍ୟା ହୋଇଥାଏ । ଯେଉଁ ଲୋକଙ୍କଠାରେ ପାଚନ ମାଂସପେଶୀ ଓ ହାଡ ଯନ୍ତ୍ରଣା ଥିଲେ ସମ୍ବନ୍ଧୀୟ ସମସ୍ୟା ରହିଛି । ଆଇବିଏସ ରହିଛି ଏମାନେ କାକୁଡି ଖାଇବା ଉଚିତ ନୁହେଁ । ଯେଉଁ ଲୋକ ହାଡ଼ ଓ ମାଂସପେଶୀ ଯନ୍ତ୍ରଣାରେ ପୀଡିତ ସେମାନେ କାକୁଡି ଅଧିକ ଖାଇବା ଉଚିତ ନୁହେଁ। ଆୟୁର୍ବେଦିକ୍ ଡାକ୍ତରମାନେ ମଧ୍ୟ ଏମାନଙ୍କୁ କାକୁଡି ଖାଇବାକୁ ମନା କରିଥାନ୍ତି ।

**ୟୁରିନାରୀ ସମସ୍ୟା:** କାକୁଡି ପ୍ରାକୃତିକ ରୂପରେ ମୂତ୍ର ବର୍ଦ୍ଧକ ହୋଇଥାଏ, ଯଦ୍ୱାରା ପରିସ୍ରା ପରିମାଣକୁ ବଢ଼ାଇ ଦେଇଥାଏ। ତେଣୁ ଏମାନେ ଆଦୌ କାକୁଡି ଖାଆନ୍ତୁ ନାହିଁ ।

**ଡାଇବେଟିସ ଥିଲେ:** କାକୁଡି ଡାଇବେଟିସ୍ ରୋଗୀଙ୍କ ଲାଗି ଲାଭଦାୟକ କିନ୍ତୁ ଏହାର ମଞ୍ଜି ଡାଇବେଟିସ୍ ଲାଗି ସୁରକ୍ଷିତ ନୁହେଁ । ତେଣୁ ଡାଇବେଟିସ୍ ରୋଗୀ ଅଳ୍ପ ମାତ୍ରାରେ କାକୁଡି ଖାଇବା ଉଚିତ ।

### କେଉଁମାନେ କାକୁଡି ଖାଇବା ଭଲ

- ଯେଉଁ ଲୋକଙ୍କ ଡିହାଇଡ୍ରେସନ୍ ସମସ୍ୟା ରହିଥାଏ ସେମାନେ କାକୁଡି ଖାଇବା ଉଚିତ ନୁହେଁ ।
- ଯେଉଁମାନେ ଓଜନ କମ୍ କରିବାକୁ ଚାହୁଁଛନ୍ତି ।
- ବ୍ଲଡ ସୁଗାର ନିୟନ୍ତ୍ରିତ ରଖିବାକୁ ଚାହୁଁଥିଲେ।
- କୋଲେଷ୍ଟ୍ରଲକୁ କମ୍ କରିବାକୁ ଚାହୁଁଥିଲେ। ଏମାନଙ୍କ ଲାଗି କାକୁଡି ଖୁବ୍ ଲାଭଦାୟକ।
- କିନ୍ତୁ ସମସ୍ତଙ୍କ ସ୍ୱାସ୍ଥ୍ୟ ଲାଗି କାଲୁଡି ଖାଇବା ଭଲ ନୁହେଁ।
- ସ୍ୱାସ୍ୟାବସ୍ଥା ଦେଖି କାକୁଡି ଖାଇବା ନିହାତି ଆବଶ୍ୟକ ।



## ଫିଲ୍ମରୁ ଦୂରରେ ଅମ୍ରିତା



ବଲିଉଡ୍ ଅଭିନେତ୍ରୀ ଅମ୍ରିତା ରାଓ 'ବିଭାହ' ଫିଲ୍ମରେ ପୁନମଙ୍କ ଚରିତ୍ରରେ ଅଭିନୟ କରି ଲକ୍ଷ ଲକ୍ଷ ଦର୍ଶକଙ୍କ ହୃଦୟ ଜିତିଥିଲେ। ଫିଲ୍ମରେ ତାଙ୍କର ସରଳ ଅନ୍ଦାଜ ଏବେ ବି ଲୋକଙ୍କ ମନରେ ଅଛି। ତଥାପି, ସେ ବହୁ ଦିନ ଧରି ଫିଲ୍ମରୁ ଦୂରରେ ଅଛନ୍ତି। ସେ ତାଙ୍କର ୪୫ତମ ଜନ୍ମଦିନ ପାଳନ କରୁଛନ୍ତି। ଏହି ଅବସରରେ ଆସନ୍ତୁ ଜାଣିବା ଅମ୍ରିତା ଆଜିକାଲି କ'ଣ କରୁଛନ୍ତି। ଅମ୍ରିତାଙ୍କ ଜନ୍ମ ୭ ଜୁନ୍ ୧୯୮୧ ମସିହାରେ ମୁମ୍ବାଇରେ ହୋଇଥିଲା। ଫିଲ୍ମରେ ଏଣ୍ଟ୍ରି କରିବା ପୂର୍ବରୁ ସେ ଜଣେ ମଡେଲ୍ ଭାବରେ କାମ କରୁଥିଲେ। ୨୦୦୨ ମସିହାରେ ଅଲକା ୟାଗ୍ନିକଙ୍କ ମ୍ୟୁଜିକ୍ ଭିଡିଓ 'ୱୋ ପ୍ୟାର୍ ମେରା' ସହିତ ତାଙ୍କ କ୍ୟାରିଅର୍ ଆରମ୍ଭ ହୋଇଥିଲା। ତା'ପରେ ସେ ସେହି ବର୍ଷ 'ଅବ୍ କେ ବରସ୍' ଫିଲ୍ମ ସହିତ ବଲିଉଡରେ ଡେବ୍ୟୁ କରିଥିଲେ। ପରବର୍ତ୍ତୀ ସମୟରେ ସେ 'ଇଶ୍କ ବିଶ୍କ', 'ମୈଁ ହୁଁ ନା', 'ବିଭାହ' ଏବଂ 'ମସ୍ତି' ଭଳି ଫିଲ୍ମରେ ଅଭିନୟ କରିଥିଲେ। ସୂରଜ ବରଜାତ୍ୟାଙ୍କ ଫିଲ୍ମରେ ପୁନମ ଭୂମିକାରେ ତାଙ୍କ ଭୂମିକାକୁ ଏବେ ବି ଭାରତୀୟ ଫିଲ୍ମର ସବୁଠାରୁ ନିରୀହ ଏବଂ ସଂସ୍କୃତିସମ୍ପନ୍ନ ଚରିତ୍ର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହି ଫିଲ୍ମ ତାଙ୍କ କ୍ୟାରିଅରରେ ଏକ ପ୍ରମୁଖ ମାଇଲଖୁଣ୍ଟ ପ୍ରମାଣିତ ହୋଇଥିଲା। ଅମ୍ରିତା ଶେଷ ଥର ପାଇଁ 'ଠାକରେ' ଫିଲ୍ମରେ ନଜର ଆସିଥିଲେ। ତା'ପରେ, ତାଙ୍କ କ୍ୟାରିଅରର ଶିଖରରେ, ଅଭିନେତ୍ରୀ ହଠାତ୍ ବଡ଼ ପରଦାରୁ ଅଦୃଶ୍ୟ ହୋଇଗଲେ। ଅମ୍ରିତା ରାଓ ଏବେ ଫିଲ୍ମରୁ ଦୂରେଇ ରହି ନିଜ ବ୍ୟକ୍ତିଗତ ଜୀବନ ଉପରେ ଧ୍ୟାନ ଦେଉଛନ୍ତି। ସେ ୨୦୧୬ ମସିହାରେ ରେଡିଓ ଜକି ଅନମୋଲ ସୁଦଙ୍କୁ ବିବାହ କରିଥିଲେ। ସେମାନଙ୍କର ବୀର ନାମକ ଏକ ପୁଅ ଅଛି। ଫିଲ୍ମରୁ ଦୂରେଇ ଯିବା ପରେ, ଅମ୍ରିତା ଏବେ ତାଙ୍କ ସ୍ୱାମୀଙ୍କ ସହିତ ଏକ ପଡକାଷ୍ଟ ହୋଷ୍ଟ କରନ୍ତି, ଯେଉଁଠାରେ ସେ ପ୍ରମୁଖ ସେଲିବ୍ରିଟିଙ୍କ ସାକ୍ଷାତକାର ନିଅନ୍ତି। ତାଙ୍କର 'କପଲ୍ ଅଫ୍ ଥିଙ୍ଗସ୍' ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ୟ ଅଛି। ଏଥିସହିତ ଅଭିନେତ୍ରୀ ସୋସିଆଲ ମିଡିଆରେ ବହୁତ ସକ୍ରିୟ, ଇନଷ୍ଟାଗ୍ରାମରେ ତାଙ୍କର ୧.୬ ମିଲିୟନ୍ ଫଲୋଅର୍ସ ଅଛନ୍ତି, ଯେଉଁଠାରେ ସେ ପ୍ରାୟତଃ ଫଟୋ ସେୟାର କରନ୍ତି।



ଟିଭି ଦୁନିଆର ଲୋକପ୍ରିୟ ଅଭିନେତ୍ରୀ ଜେନିଫର ୱିଙ୍ଗେଟ ଫ୍ୟାନଙ୍କ ପାଇଁ ଖୁସି ଖବର। ୪୧ ବର୍ଷ ବୟସରେ ସେ ଦ୍ୱିତୀୟ ବିବାହ କରିବାକୁ ଯାଉଛନ୍ତି। ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଜେନିଫର ଖୁବଶୀଘ୍ର ଜଣେ କୋଟିପତି ବ୍ୟବସାୟୀଙ୍କ ସହ ହାତ ଧରିବେ। ଏହି ଖବର ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି। ଜେନିଫର ୱିଙ୍ଗେଟ୍ ଦୀର୍ଘ ଦିନ ହେବ ସିଙ୍ଗାପୁରସ୍ଥିତ ବିଜନେସମ୍ୟାନ୍ ୱିଲିୟମ ଇସମାଇଲଙ୍କୁ ସିକ୍ରେଟଲି ଡେଟିଂ କରୁଛନ୍ତି। ୱିଲିୟମ ଜଣେ ବ୍ୟବସାୟୀ, ତାଙ୍କର ମନୋରଞ୍ଜନ ଜଗତ ସହ କୌଣସି ସମ୍ପର୍କ ନାହିଁ। ସେ ଫାଇନାନ୍ସିଆଲ ସେକ୍ଟରରେ କାମ କରୁଥିବା ବେଳେ ଡିଜିଟାଲ ଆସେଟ୍, ଟ୍ରେନିଂ ଓ ଫରେନ୍ ଏକ୍ସଚେଞ୍ଜ ମାର୍କେଟ୍ ଭଳି କ୍ଷେତ୍ରରେ ମଧ୍ୟ ଅଭିଜ୍ଞତା ରଖିଛନ୍ତି। ୱିଲିୟମ ଲାଇମଲାଇଟରୁ ଦୂରରେ ରହିବାକୁ ପସନ୍ଦ କରନ୍ତି। ଆଉ ନିଜ ବ୍ୟକ୍ତିଗତ ଜୀବନକୁ ଗୋପନ ରଖିବାକୁ ଭଲ ପାଆନ୍ତି। କୁହାଯାଉଛି ଯେ ୱିଲିୟମଙ୍କ ସହ ସମୟ ବିତାଇବା ପାଇଁ ଜେନିଫର ପ୍ରାୟତଃ ସିଙ୍ଗାପୁର ଯାତ୍ରା କରୁଥିଲେ। ସେଠାରେ ଦୁହେଁ ମିଡିଆର ନଜରରୁ ଦୂରେ ରହି ଏକାଠି କ୍ୱାଲିଟି ଟାଇମ୍ ବିତାଉଥିଲେ। ଛୁଟି କାଟିବା ସମୟରେ ୱିଲିୟମ ଜେନିଫରଙ୍କୁ ବିବାହ ପାଇଁ ପ୍ରପୋଜ୍ କରିଥିଲେ। ଏହି ପ୍ରସ୍ତାବକୁ ଜେନିଫର ସ୍ୱୀକାର କରିଥିବା କୁହାଯାଉଛି। ରିପୋର୍ଟ ଅନୁସାରେ, ଜେନିଫର ଓ ୱିଲିୟମ ଏକାଠି ବେଶ ଖୁସିରେ ଅଛନ୍ତି। ଦୁହିଁଙ୍କ ସମ୍ପର୍କ ବହୁତ ମଜବୁତ ଥିବା କୁହାଯାଉଛି। ବର୍ତ୍ତମାନ ସେମାନେ ନିଜ ବିବାହ ଯୋଜନାକୁ ନେଇ ବ୍ୟସ୍ତ ଅଛନ୍ତି। ଖବର ଅନୁଯାୟୀ, ଏହି ବର୍ଷ ସେପଟ୍ମେର-ଅକ୍ଟୋବର କିମ୍ବା ଡିସେମ୍ବର-ଜାନୁଆରୀ ମଧ୍ୟରେ ବିବାହ ହୋଇପାରେ। ତେବେ ଏପର୍ଯ୍ୟନ୍ତ କୌଣସି ତାରିଖ ଚୂଡ଼ାନ୍ତ ହୋଇନାହିଁ। ସବୁଠାରୁ ବଡ଼ କଥା ହେଉଛି, ଜେନିଫର ୱିଙ୍ଗେଟ୍ ନିଜେ ଏପର୍ଯ୍ୟନ୍ତ ଏହି ବିବାହ ଖବରକୁ ନିଶ୍ଚିତ କରିନାହାନ୍ତି। ଜେନିଫର ୱିଙ୍ଗେଟ୍ ୨୦୧୨ ମସିହାରେ ଟେଲିଭିଜନ ଅଭିନେତା କରଣ ସିଂହ ଗ୍ରୋଭରଙ୍କୁ ବିବାହ କରିଥିଲେ। ସେମାନଙ୍କ ବୈବାହିକ ଜୀବନ ବେଶିଦିନ ତିଷ୍ଠି ନଥିଲା। ବିବାହର ମାତ୍ର ଦୁଇ ବର୍ଷ ପରେ ୨୦୧୪ ମସିହାରେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ଏହାପରେ ଜେନିଫର ନିଜ କ୍ୟାରିୟର ଉପରେ ଧ୍ୟାନ ଦେଇ ଅନେକ ଲୋକପ୍ରିୟ ଧାରାବାହିକ ଓ ୱେବ୍ ସିରିଜରେ ଅଭିନୟ କରିଛନ୍ତି। ବର୍ତ୍ତମାନ ତାଙ୍କ ଦ୍ୱିତୀୟ ବିବାହକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି ଯେ ଜେନିଫର କେବେ ଏହି ଖବରର ଖୁଲାସା ନିଜେ କରିବେ। ସେ ପର୍ଯ୍ୟନ୍ତ ଏହି ଖବରକୁ ଆମେ କେବଳ ଚର୍ଚ୍ଚା ବୋଲି କହିପାରିବା।

## ଗୋଟିଏ ପୋକର ଦାମ ୭୫ ଲକ୍ଷ



ଆପଣ କେବେ ଭାବିଛନ୍ତି କି ଏକ ଛୋଟ କୀଟ ଆପଣଙ୍କ ଭାଗ୍ୟ ବଦଳାଇ ଦେଇପାରେ ? ହଁ, ଠିକ୍ ଶୁଣିଛନ୍ତି ! ଷ୍ଟେଗ୍ ବିଟଲ୍, ଯାହାକୁ ବିଶ୍ୱର ସବୁଠାରୁ ମହଙ୍ଗା କୀଟ ବୋଲି ଗଣାଯାଏ, ଏହାର ମୂଲ୍ୟ ଏତେ ଅଧିକ ଯେ ଏହାକୁ ବିକ୍ରି କରି ଆପଣ ଟୋୟୋଟା ଫର୍ଚୁନର ଭଳି ଲଗଜରୀ କାର୍ କିଣିପାରିବେ। ଏହି କୀଟର ମୂଲ୍ୟ ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ଏହାର କିଛି ଦୁର୍ଲଭ ପ୍ରଜାତି ୯୦,୦୦୦ (ପ୍ରାୟ ୭୫ ଲକ୍ଷ ଟଙ୍କା)ରେ ବିକ୍ରି ହୋଇଛି। ଏହାର ଦୁର୍ଲଭତା, ଗଠନ ଏବଂ ସାଂସ୍କୃତିକ ଗୁରୁତ୍ୱ ଏହାକୁ ସଂଗ୍ରାହକ ଓ କୀଟପ୍ରେମୀଙ୍କ ମଧ୍ୟରେ ଷ୍ଟେଟସ୍ ସିମ୍ବଲ୍ କରିଦେଇଛି।

ଷ୍ଟେଗ୍ ବିଟଲ୍ ୧,୨୦୦ରୁ ଅଧିକ ପ୍ରଜାତି ରହିଛି, ଯାହା ମୁଖ୍ୟତଃ ୟୁରୋପ, ଏସିଆ ଓ ଆମେରିକାର ଉଷ୍ଣକଟିବନ୍ଧୀୟ ଜଙ୍ଗଲରେ ଦେଖାଯାଏ। ଭାରତରେ ଏହା ଆସାମ, ଅରୁଣାଚଳ ପ୍ରଦେଶ, ସିକ୍କିମ ଓ ପଶ୍ଚିମ ଘାଟର ଜଙ୍ଗଲରେ ମିଳେ। ଏହାର ନାମ ନର ଷ୍ଟେଗ୍ ବିଟଲ୍‌ର ବଡ଼ ଦାନ୍ତ (ମ୍ୟାଣ୍ଡିବଲ୍ସ) ହେତୁ ପଡ଼ିଛି, ଯାହା ହରିଣର ଶିଙ୍ଗ ଭଳି ଦେଖାଯାଏ। ନର ବିଟଲ୍ ୩୫-୭୫ ମି.ମି. ଏବଂ ମାଈ ୩୦-୫୦ ମି.ମି. ଲମ୍ବା ହୋଇଥାଏ। ଏମାନଙ୍କର ଓଜନ ୨-୬ ଗ୍ରାମ ଏବଂ ଆୟୁଷ ୩-୭ ବର୍ଷ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ସୋମବାର ୧୪ ସେପ୍ଟେମ୍ବର ୨୦୨୬**

## ଜଣେ ଦୁଇଜଣଙ୍କ ପାଇଁ : ସଂପର୍କରେ ଥାଇକି ଅନ୍ୟ ସହିତ ଆକର୍ଷଣ

### ପ୍ରଫେସର ଡାକ୍ତର ସମ୍ରାଟ କର

କଟକର ବର୍ଷାଳିଆ ଆକାଶରେ ଆଉ ତାରା ନଥିଲେ । ଉଇକେଣ୍ଡ ଥିବାରୁ ସେ ଦିନ ମୋର ରୋଜି ଦେଖାନଥିଲା ସୁଧୀର ଅଷ୍ଟ୍ରେଲିଆର ବ୍ରିସବେନ ସହର ସନ୍ଧ୍ୟାକାଳରୁ ସେଠି ରହୁଥିବା ମୋ ବାଲ୍ୟବନ୍ଧୁ ତେଜସର ସାନ ଭାଇ ମୋତେ ଫୋନ କରିଥିଲା । ମୋ ସାଙ୍ଗ ଏକ ବହୁ ରାଷ୍ଟ୍ରୀୟ କମ୍ପାନୀରେ ପଦସ୍ଥ କର୍ମଚାରୀ ଭାବେ ଅବସ୍ଥାପିତ । ମୋର ଯେତେଦୂର ମନେଅଛି ସେ କଲେଜରେ ଭଲ ପାଉଥିବା ପ୍ରିୟଙ୍କା ସହିତ ତାର ବାହାଘର ହୋଇଥିଲା । ପରେ ମନମାଳିନ୍ୟ ଭିତରେ ଦୁଇଜଣଙ୍କ ଜୀବନର ମୋଡ଼ ବଦଳି ଯାଇଥିଲା । ଯେତେଦୂର ମନେଅଛି ସମ୍ପର୍କ ଯୋଡ଼ିବା ପାଇଁ ତା ବନ୍ଧୁବାନ୍ଧବଙ୍କ ସହିତ ଆମେମାନେ ବି ଉଦ୍ୟମ କରିଥିଲୁ । ତେବେ ସାଙ୍ଗର ଜୀବନରେ ଆଉଜଣେ ଆସିଥିଲେ । ସେ ଥିଲେ ଗୌତମୀ । ତେବେ ଏହିପରି ଘରାବାଲୀ, ବାହାରବାଲୀ ପରି ଏକ ପ୍ରକାର ତା ଜୀବନ ଚାଲି ହିଁ ଥିଲା । ତେବେ କଥାର ଘମାସନ ଆରମ୍ଭ ହେଲା ସେଇଠି ଯେଉଁଠି ତା ଜୀବନର ତୃତୀୟ ନାୟିକାଙ୍କ ପ୍ରବେଶ ହୋଇଥିଲା । ସେ ଥିଲେ 'ନୟନତାରା' । ସାଙ୍ଗଟିର ଏପରି ଦୁଃଖଦ ମୁହୂର୍ତ୍ତ ଗୁଡ଼ାକୁ ଉଦାସ ଭାବ ନେଇ ଲମ୍ବା ଛାତ ଉପରେ ବିଚିଂ ହୋଇ ପଡ଼ିଥିଲା । ମନେ ମନେ ଭାବୁଥିଲି ସତରେ ବୈବାହିକ ଜୀବନ ଭିତରେ ମଞ୍ଜି ସବୁ କଣ ଏମିତି ବିଚିଂହୁଏ ? ଆମ ମାନସିକ ଚିକିତ୍ସା ବିଜ୍ଞାନରେ ସମ୍ପର୍କରେ ଥାଇ ଅନ୍ୟ ପ୍ରତି ଆକର୍ଷିତ ହେବା ବା ଅନ୍ୟ ଜଣଙ୍କ ପ୍ରେମ ଜାଲରେ ପଡ଼ିବା ଏକ ପ୍ରକାର ମାନସିକ ବିକୃତି । ଯାହାର ନାମ ହେଉଛି କୁଶନିଂ । ତେବେ ବଡ଼ ବିଚିତ୍ର କଥା ଆଜିର ତଥାକଥିତ ଜେନଜିଙ୍କର ଏକ ପ୍ରକାର ଟ୍ରେଣ୍ଡ ଚାଲିଛି । ଏସବୁ ଶୁଣି ତା ସାନ ଭାଇକି କହିଲି - ଡେଟିଂର ସଂଜ୍ଞା କେବଳ ପ୍ରେମରେ ପଡ଼ିବା ଓ ବିବାହ କରିବାରେ ସୀମିତ ନାହିଁ । ଆଧୁନିକ ଡେଟିଂରେ ପ୍ରେମ ସହ ଭାବନାତ୍ମକ ସଂଯୋଗ ବିରଳ । ଜେନ ଜିଙ୍କ ପାଇଁ ଡେଟିଂ ପରିଭାଷା ସଂପୂର୍ଣ୍ଣ ଭିନ୍ନ । ଆଜିକାଲି ଡେଟିଂରେ କେବଳ ଦୁଇଜଣ ଯୁକ୍ତ ନୁହଁନ୍ତି ବରଂ ଏହା ଏକା ସାମୂହିକ ପ୍ରକଳ୍ପ ଭଳି । ଜଣ କାନ୍ଧରେ ମୁଣ୍ଡ ରଖି ଆଉ ଜଣଙ୍କ ପାଇଁ କାନ୍ଦିବା ଏହି ଡେଟିଂର ଅଜବ ଟ୍ରେଣ୍ଡ । ଜଣଙ୍କ ସହ ସମ୍ପର୍କରେ ଥାଇ ଅନ୍ୟ ଜଣଙ୍କ ପ୍ରତି ଆକର୍ଷିତ ହେବା ଏବେ ସାଧାରଣ । ଏକକାଳୀନ ଜଣେ ବ୍ୟକ୍ତି ଏକାଧିକଙ୍କୁ ଡେଟ କରିବା ଆଉ ନୂଆ ନୁହେଁ । ଜଣଙ୍କ ସହ ସମ୍ପର୍କରେ ଥିବା ସମୟରେ ଅନ୍ୟ ସହ ଫ୍ଲର୍ଟ କରିବା ଏବେ ସାମାନ୍ୟ କଥା । କେତେକ ନିଜ ସାଥୀଙ୍କୁ ଜଣାଇ ଏପରି କରୁଛନ୍ତି । କିନ୍ତୁ ଏହି ଧାରାରେ ଏକ ତଥାକଥିତ ଟକ୍ସିକ ଟ୍ରେଣ୍ଡ ଦେଖିବାକୁ ମିଳୁଛି । ଆଧୁନିକ ପ୍ରଜନ୍ମ ଏହି ଟ୍ରେଣ୍ଡ ନାମ ଦେଇଛନ୍ତି କୁଶନିଂ । କୁଶନିଂରେ କୁଶନ ସାଜନ୍ତି ଜଣେ ତୃତୀୟ ବ୍ୟକ୍ତି । ଉଦାହରଣ ସ୍ୱରୂପ ପରୀକ୍ଷାକୁ ଯିବା ସମୟରେ ପ୍ରାୟ ସମସ୍ତେ ଦୁଇଟି କଲମ ସାଥିରେ ନେଇଥାନ୍ତି । ଗୋଟିଏ ମୁଖ୍ୟ କଲମ ଲେଖିବା ପାଇଁ, ଅନ୍ୟଟି ବ୍ୟାକ ଅପ୍ ଭାବରେ । ଯଦି ମୁଖ୍ୟ କଲମରୁ କାଳି ସରିଯାଏ କିମ୍ବା ମୁଖ୍ୟ କଲମଟି କୌଣସି ପରିସ୍ଥିତିରେ ଖରାପ ହୋଇଯାଏ, ତେବେ ଦ୍ୱିତୀୟ କଲମ କାମରେ ଆସେ । ଠିକ ସେହିଭଳି ହୁଏତ ପ୍ରଜନ୍ମ ଜଣକ ସହ ଗଭୀର ସଂପର୍କରେ ଥାଇ ବି ଅନ୍ୟ ଜଣଙ୍କୁ ବ୍ୟାକ ଅପ ଭାବରେ ରଖିବାକୁ ପସନ୍ଦ କରୁଛନ୍ତି । ଯଦି କୌଣସି ପରିସ୍ଥିତିରେ ଗଭୀର ସଂପର୍କରେ ବ୍ରେକଅପ୍ ହୋଇଯାଏ ତେବେ ଭାବନାତ୍ମକ ସାହାରା ନିମନ୍ତେ ବ୍ୟାକଅପରେ ଥିବା ବ୍ୟକ୍ତି ଜଣକ କାମରେ ଆସିବେ । ଯେତେବେଳେ ମୁଖ୍ୟ ସଂପର୍କ ଟିକେ ଫିକା ପଡ଼ି ଆସୁଥିବା ଭଳି ଲାଗେ, ସେତେବେଳେ ହିଁ ନିଜ ପାଇଁ ଏକ କୁଶନ ଖୋଜିବାର ବ୍ୟବସ୍ଥା କରନ୍ତି ଏହି ପ୍ରଜନ୍ମ । କିଛି ଜଣ ଭାବନାତ୍ମକ ସମର୍ଥନ ପାଇଁ ଏଭଳି ସଂପର୍କର ସାହାରା ନିଅନ୍ତି ଓ କେତେକ ଉଦ୍ଦେଶ୍ୟମୂଳକ ଭାବରେ ଏଭଳି କରିଥାନ୍ତି । ତେବେ ଏହାକୁ ମଧ୍ୟ ଏକ ପ୍ରକାରର ଠକାମି କୁହାଯାଇପାରିବ । ଅନ୍ୟପକ୍ଷରେ ବ୍ୟାକଅପ୍‌ରେ ଥିବା ବ୍ୟକ୍ତି ଜଣଙ୍କୁ କୁଶନ ଭାବରେ ଦେଖାଯାଏ । ଯେପରି ରାଗ ଲାଗିଲେ ଅନେକେ ରାଗିଥିବା ବ୍ୟକ୍ତିଙ୍କ ପରିବର୍ତ୍ତେ ତକିଆକୁ ପିଟି ରାଗ ବାହାର କରିଥାନ୍ତି, କାନ୍ଦ ଲାଗୁଥିଲେ ତକିଆକୁ ସାହାରା ଭାବି କାନ୍ଦିଥାନ୍ତି । ଠିକ ସେହିଭଳି ପ୍ରଥମ ବ୍ୟକ୍ତିଙ୍କ ଠାରୁ ଧୋକା ମିଳିବା ପରେ ବ୍ୟାକଅପରେ ଥିବା ବ୍ୟକ୍ତି ସାହାରା ଦେଇଥାନ୍ତି । କେତେକ କ୍ଷେତ୍ରରେ ଏହି ସଂପର୍କ ଆପୋଷ ବୁଝାମଣାରେ ଗଢ଼ି ଉଠିଥାଏ ତ କେତେବେଳେ ଦ୍ୱିତୀୟ ବ୍ୟକ୍ତି ନିଜ ଅସ୍ତିତ୍ୱକୁ ନେଇ ଦ୍ୱନ୍ଦ୍ୱରେ ଥାନ୍ତି । କିଛି କିଛି କ୍ଷେତ୍ରରେ ତୃତୀୟ ବ୍ୟକ୍ତି ପଟିଂ ବ୍ୟାଗ ପାଲଟିଯାଆନ୍ତି । ପ୍ରଥମ ସଂପର୍କରେ ଥିବା ରାଗ, ଅଭିମାନ, କ୍ରୋଧର ଶିକାର ତୃତୀୟ ବ୍ୟକ୍ତି ଜଣଙ୍କ ହିଁ ହୋଇଥାନ୍ତି । ତେବେ ଆପଣ ଯେଉଁ ସଂପର୍କରେ ଅଛନ୍ତି ସେଥିରେ ଆପଣ ମୁଖ୍ୟ ଚରିତ୍ର ନାଁ କେବଳ ଏକ କୁଶନ ଭାବରେ ବ୍ୟବହୃତ ତାହା ଜାଣିବା ପାଇଁ କେତୋଟି ସରଳ ଉପାୟ ଅବଲମ୍ବନ କରିପାରିବେ । ଆପଣଙ୍କ ସାଥୀ ଯଦି ସବୁବେଳେ ଆପଣଙ୍କୁ ଆବଶ୍ୟକୀୟ ସମୟ ଓ ଧ୍ୟାନ ଦେବା ପରିବର୍ତ୍ତେ, ମଝିରେ ମଝିରେ ଗୁରୁତ୍ୱ ଦେଉଛନ୍ତି ତେବେ ବୁଝିଯାଆନ୍ତୁ ଆପଣଙ୍କୁ ସେ କେବଳ ଜଣେ ସାହାରା ଭାବରେ ବ୍ୟବହାର କରୁଛନ୍ତି । ଯଦି ଆପଣଙ୍କ ସଂପର୍କ ଦୀର୍ଘ ବର୍ଷ ଧରି ଚାଲିଛି, ଆପଣ ବାରମ୍ବାର ଘୋଷ୍ଟିଂ ଭଳି ପରିସ୍ଥିତିର ସାମ୍ନା କରୁଛନ୍ତି ତଥାପି ଆପଣଙ୍କ ସାଥୀ ସଂପର୍କକୁ ନେଇ କୌଣସି ସ୍ପଷ୍ଟୋକ୍ତି ଦେଉନାହାନ୍ତି ତେବେ ଆପଣ କୁଶନିଂ ଭଳି ବିଷାକ୍ତ ଟ୍ରେଣ୍ଡର ଶିକାର । ତେବେ ଯଦି ଉପରୋକ୍ତ ପରିସ୍ଥିତି ଭିତରୁ ଆପଣ କୌଣସି ଗୋଟିଏର ସମ୍ମୁଖୀନ ହେଉଥିବେ, ତେବେ ବେଳ ଥାଉ ଥାଉ ସେଭଳି ସଂପର୍କରୁ ଦୂରେଇ ଯାଆନ୍ତୁ । ଜୀବନର ଆନନ୍ଦମୟ, ବିଷାଦମୟ ପ୍ରେମର ସବୁଜିମାରେ ବେଳେ ବେଳେ ଝରି ପଡ଼େ ବିଷାଦର ଗ୍ରୀଷ୍ମତାତି । ଅଣନିଃଶ୍ୱାସୀ ହୋଇ ଜଣେ ସାହାରା ଖୋଜିଲା ବେଳକୁ ଜଣେ ଅପରିଚିତ ଭେଟି ହୋଇଯାଏ । ଭାଙ୍ଗି ଯାଇଥିବା ଅସଜଡ଼ା ମନ ହୁଏତ କିଛି ସମୟ ପାଇଁ ଅପରିଚିତ ଚରିତ୍ରଟି ପାଖରେ । ଦେହ ଓ ପ୍ରେମ ଓ ମନ ଏ ସବୁର ପରବର୍ତ୍ତୀ ମୁହୂର୍ତ୍ତକୁ ସାମ୍ନା କଲାବେଳକୁ ପଛରେ ରହିଯାଆନ୍ତି ଆଉ କିଛି ଚରିତ୍ର । ଦିନେ ଯେଉଁମାନଙ୍କୁ ସେ ସାଥୀ ହେବା ପାଇଁ ଜନ୍ମାଜନ୍ତରପାଇଁ ସୁଖ ଦୁଃଖ ବାଟିଂବାକୁ । ତେବେ ଏ କ୍ଷେତ୍ରରେ ପୀଡ଼ିତ ପରିବାର ବର୍ଗଙ୍କ ଅନେକ ଗୁରୁଦାୟିତ୍ୱ ରହିଛି । ପୁରୁଷ ପୀଡ଼ିତଙ୍କ କ୍ଷେତ୍ରରେ ତାଙ୍କ ପୂର୍ବତନ ପତ୍ନୀ ବା ପୂର୍ବତନ ପ୍ରେମିକା ତାଙ୍କୁ ନେଇ କୌଣସି କଟାକ୍ଷ କରନ୍ତୁ ନାହିଁ । ବରଂ ତାଙ୍କୁ ଏକ ସକାରାତ୍ମକ ଚିନ୍ତା ଭିତରେ ବ୍ୟସ୍ତ ରଖନ୍ତୁ । ସେ ଯେପରି କୌଣସି ମାଦକ ଦ୍ରବ୍ୟର ସାହାରା ନ ନିଅନ୍ତି ସେ ଦିଗକୁ ଦେଖନ୍ତୁ । ତାଙ୍କୁ ସୁଷମ ଖାଦ୍ୟ, ସବୁଜ ପନିପରିବା ଫଳ, ଏ ସବୁ ତାଙ୍କ ମେନ୍ୟୁରେ ରଖନ୍ତୁ । ବର୍ତ୍ତମାନ କିଛି ଦିନ ତଳେ ଲୋକପ୍ରିୟ ହିନ୍ଦୀ ନାୟକ ଅମିର ଖାଁଙ୍କ ତୃତୀୟସ୍ଥ ପ୍ରେମ ବିବାହକୁ ନେଇ ଅନେକ ଚର୍ଚ୍ଚା ଉଠିଥିଲା । ବାସ୍ତବରେ ଆମ ହିନ୍ଦୁ ବୈବାହିକ ବ୍ୟବସ୍ଥାରେ ଏ ସବୁ ଗ୍ରହଣୀୟ ହୋଇନଥାଏ । ଜଣଙ୍କର ଏପରି ଆଚରଣ ମାନସିକ ବିକୃତି ପର୍ଯ୍ୟାୟର ।

## ସାମାନ୍ୟ କଥନ : କନ୍ୟା ଶିକ୍ଷା, ରେବତୀ ଓ ସ୍ୱର୍ଣ୍ଣଲତା

### ପ୍ରୀତୀଶ ଆଚାର୍ଯ୍ୟ

ଆଧୁନିକ ଓଡ଼ିଶା ଇତିହାସରେ ରମାଦେବୀ (୧୮୯୯-୧୯୮୫) ଏକ ଅତି ପରିଚିତ ନାଁ । ୧୯୨୦ ଦଶକରେ ଅସହଯୋଗ ଆନ୍ଦୋଳନ ଉତାରୁ ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ତିନି ଥର (୧୯୩୦, ୧୯୩୨ ଓ ୧୯୪୨) ଜେଲ୍ ଯାଇଥିଲେ; ୧୯୩୪ରେ ଓଡ଼ିଶାରେ ସଂଘଟିତ ଗାନ୍ଧୀଜୀଙ୍କ 'ହରିଜନ ପଦଯାତ୍ରା'ରେ ଏକ ମୁଖ୍ୟ ଭୂମିକା ନେଇଥିଲେ । ତାଙ୍କ ବଡ଼ବାପା ମଧୁସୂଦନ ଦାସ ଥିଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ ଓ ଆଇନ ଡିଗ୍ରିଧାରୀ । ବାପା ଗୋପାଳବଲ୍ଲଭ ଦାସ ଏମଏ ଓ ଓକିଲାତି ପାଠ ପଢ଼ି ଡେପୁଟି ମାଜିଷ୍ଟ୍ରେଟ ଚାକିରିରେ ପିଲାଙ୍କୁ ନେଇ ଓଡ଼ିଶା ବାହାରେ ଗୟା, ମୁଜଫରପୁରରେ ରହିଥିଲେ । ଫଳରେ ରମାଦେବୀ ବାହାର ଦୁନିଆ ସମ୍ବନ୍ଧରେ ପରିଚିତ ହୋଇଯାଇଥିଲେ । ଏସବୁ ସତ୍ତ୍ୱେ ଝିଅ ବୋଲି ରମାଦେବୀ କିମ୍ବା ତାଙ୍କ ଭଉଣୀଙ୍କର କୌଣସି ଔପଚାରିକ ଶିକ୍ଷା ନ ଥିଲା; ପାରିବାରିକ ସ୍ତରରେ ସେ ନେଇ କୌଣସି ପ୍ରୟାସ ମଧ୍ୟ ହୋଇ ନ ଥିଲା । ନିଜ ପରିଶ୍ରମରେ ସେ ଅକ୍ଷର ଶିକ୍ଷା କରି ବିଭିନ୍ନ ବହିପତ୍ର ପଢ଼ିଥିଲେ; ଜୀବନର ସାୟଂ କାଳରେ ଆତ୍ମଜୀବନୀ ('ଜୀବନ ପଥେ') ଲେଖିଥିଲେ, ଯାହା ତାଙ୍କ ସରଳ ଭାଷା ଓ ବ୍ୟାପକ ଦୃଷ୍ଟି ପାଇଁ ଏକ ସ୍ୱତନ୍ତ୍ର ପରିଚୟ ପାଏ ।  ୧୯୦୯ରେ, ଗୋପବନ୍ଧୁ ଦାସ, ନୀଳକଣ୍ଠ, ଆଦି 'ପଚଂସଖା'ଙ୍କ ପ୍ରୟାସରେ ପ୍ରତିଷ୍ଠିତ ପୁରୀ ଜିଲ୍ଲାର ସତ୍ୟବାଦୀ ସ୍କୁଲ ଜାତୀୟ ଶିକ୍ଷା କ୍ଷେତ୍ରରେ ଏକ ଦିଗବାରେଣିର କାମ କରିଥିଲା । ସ୍କୁଲର ପ୍ରତିଷ୍ଠାତାମାନେ ଉଚ୍ଚଶିକ୍ଷିତ ଥିଲେ; ଆଚାର୍ଯ୍ୟ ହରିହରଙ୍କୁ ବାଦ ଦେଲେ ବାକି ସମସ୍ତେ ଥିଲେ ସ୍ନାତକ ବା ତଦୂର୍ଦ୍ଧ୍ୱ ଡିଗ୍ରିଧାରୀ । ହେଲେ, ସେମାନଙ୍କ ପରିବାରର ମହିଳାମାନେ ଔପଚାରିକ ଶିକ୍ଷା ପାଇଥିବାର ନଜିର ନାହିଁ । ଉପକୂଳ ଅଚଂଳର ମଧ୍ୟମ ବର୍ଗରେ ଯଦି ଏହି ସ୍ଥିତି, ତେବେ, ଗଡ଼ଜାତ, ଆଭ୍ୟନ୍ତରୀଣ ଅଚଂଳ, ବିଶେଷ କରି ଗ୍ରାମୀଣ କ୍ଷେତ୍ରରେ ତଥା ନିମ୍ନ ବର୍ଗରେ କନ୍ୟା ଶିକ୍ଷାର ଅବସ୍ଥା କିଭଳି ହୋଇଥିବ, ତାହା ଏଥିରୁ ଅନୁମାନ କରିହୁଏ । ଫକୀରମୋହନ 'ରେବତୀ' ଗଳ୍ପରେ ସେତେବେଳର କନ୍ୟା ଶିକ୍ଷାକୁ ନେଇ ସମାଜର ଦୃଷ୍ଟି ସଂପର୍କରେ ଧାରଣା ମିଳିଥାଏ ।  ସର୍ବଭାରତୀୟ ସ୍ତରରେ ମଧ୍ୟ କନ୍ୟା ଶିକ୍ଷା କ୍ଷେତ୍ରରେ ସ୍ଥିତି ବିଶେଷ ଭିନ୍ନ ନ ଥିଲା । ବଙ୍ଗର ପ୍ରସିଦ୍ଧ ଲେଖିକା ଆଶାପୂର୍ଣ୍ଣା ଦେବୀଙ୍କ (୧୯୦୯-୧୯୯୫) ଜନ୍ମ ଓ ବିବାହ ମଧ୍ୟମ ବର୍ଗରେ; ତାଙ୍କ ଭାଇମାନେ ଶିକ୍ଷିତ; ରମାଦେବୀଙ୍କ ଭଳି ତାଙ୍କର ବିବାହ ହୋଇଥିଲା ଅଳ୍ପ ବୟସରେ ଏବଂ ଶିକ୍ଷିତ ପରିବାରରେ । ଲେଖିକା ଭାବରେ ସେ 'ପ୍ରଥମ ପ୍ରତିଶ୍ରୁତି', 'ବକୁଳର କଥା' ଭଳି କାଳଜୟୀ ଉପନ୍ୟାସ ଏବଂ ଶହଶହ ମହାନ ଗପ ଲେଖିଛନ୍ତି; ୧୯୭୬ରେ 'ଜ୍ଞାନପୀଠ' ଲାଭ କରିଛନ୍ତି । ପିଲାଦିନେ ତାଙ୍କୁ ଔପଚାରିକ ଶିକ୍ଷା ମିଳି ନ ଥିଲା ସତ; କିନ୍ତୁ, ଭାଇମାନେ ଘରେ ବସି ପାଠ ପଢୁଥିବାବେଳେ ସେମାନଙ୍କୁ ଦେଖିଦେଖି ସେ ଅକ୍ଷର ଶିକ୍ଷା କଲେ; ସାହିତ୍ୟ ପଢ଼ିବାର ମୋହରେ ପଡ଼ିଲେ; କିଶୋରାବସ୍ଥାରେ ଲେଖିବା ଆରମ୍ଭ କଲେ ଏବଂ ଲେଖନୀର ନିରନ୍ତରତା ମୃତ୍ୟୁଯାଏଁ ଉଣା ପଡ଼ି ନ ଥିଲା ।  ଆଶାପୂର୍ଣ୍ଣାଙ୍କ ଉପନ୍ୟାସ 'ସୁବର୍ଣ୍ଣଲତା'ରେ ମଧ୍ୟମ ବର୍ଗର ବୋହୂ ଜଣେ ପଢ଼ିବାର ମୋହ ପାଳିବା ଯୋଗୁଁ, ପରିବାରରେ ଯେଉଁସବୁ ପ୍ରତିରୋଧର ସମ୍ମୁଖୀନ ହୁଏ, ତା'ର ମାର୍ମିକ ଚିତ୍ରଣ ରହିଛି । ଏଭଳି ବୋହୂକୁ 'ବିଦ୍ରୋହୀ', 'ଅସାମାଜିକ' ଓ ସ୍ଥଳବିଶେଷରେ 'ପାଗଳୀ', ଏକରକମ 'ନଷ୍ଟଚରିତ୍ର' ବୋଲି ଘୋଷଣା କରିଦିଆଯାଏ । ପତ୍ର-ପତ୍ରିକା କିମ୍ବା ଉପନ୍ୟାସ ଆଦି ପଢ଼ିବା ସକାଶେ ତାକୁ ନିଶାର୍ଦ୍ଧକୁ ଅପେକ୍ଷା କରିବାକୁ ପଡ଼େ; ସମସ୍ତଙ୍କ ଅଗୋଚରରେ ପଢ଼ିବାକୁ ହୁଏ । ଘରର ସବୁ କାମ କଲାପରେ ବି ତା'ର ସାହିତ୍ୟ-ସେବା ବାଧାହୀନ ହୁଏନା । ସେ ଯଦି ତା' ଝିଅର ପଢ଼ାକଥା ଚିନ୍ତାକଲା, ଘରୁ ବାସନ୍ଦ ହେବାଯାଏଁ କଥା ଯାଏ । ସବୁଠାରୁ ପରିତାପର ବିଷୟ, ଏହି ଅଲିଖିତ ନିୟମ ଲାଗୁ କରିବାରେ ପ୍ରମୁଖ ଭୂମିକା ନିଅନ୍ତି, ପରିବାରର ଅନ୍ୟ ମହିଳାମାନେ, ବିଶେଷ କରି ତା' ଶାଶୂ । 'ରେବତୀ' ଭଳି 'ସୁବର୍ଣ୍ଣଲତା'ର କାହାଣୀକୁ ତତ୍କାଳୀନ ସାମାଜିକ ଚିତ୍ର ଭାବରେ ଦେଖିଲେ ସମସ୍ୟାର ଜଟିଳତାକୁ ବୁଝି ହୋଇଥାଏ । ବିଂଶ ଶତାବ୍ଦୀର ଆରମ୍ଭରେ କନ୍ୟା-ଶିକ୍ଷାକୁ ନେଇ ଏହି ସ୍ଥିତି ଆଶାପୂର୍ଣ୍ଣା, ରମାଦେବୀଙ୍କ ପରିବାର କିମ୍ବା 'ସତ୍ୟବାଦୀ' ଯାଏଁ ସୀମିତ ନ ଥିଲା; ବରଂ ଏହା ଥିଲା ସେହି ସମୟର ସର୍ବବିଦ୍ୟମାନ ବାସ୍ତବିକତା । ଏ ସଂଦର୍ଭରେ ବିଶଦ ଚର୍ଚ୍ଚା ହେବା ଆବଶ୍ୟକ, ଯଦ୍ୱାରା ଅନୁମାନ କରିହେବ ଯେ ପ୍ରାଚୀନ ଓ ମଧ୍ୟକାଳରେ ମହିଳା-ଶିକ୍ଷା ଆଉ କେଉଁ ସମସ୍ୟା ଓ ଗୌଣତାର ଶିକାର ହୋଇଥିଲା ! କେବଳ 'ଗାର୍ଗୀ, ମୈତ୍ରୀ, ଲୀଳାବତୀ' ଆଦି କେତେ ଜଣ ବିଦୁଷୀଙ୍କର ନାଁ ନେଇ ଅତୀତରେ ମହିଳାମାନେ ଉଚ୍ଚ ଶିକ୍ଷା ନିମନ୍ତେ ଯଥୋଚିତ ଅବସର ପାଉଥିଲେ ବୋଲି ଦାବି କରିବା ଅଯୌକ୍ତିକ ଆସ୍ଫାଳନ ମାତ୍ର ! ଆଜି ଏକବିଂଶ ଶତାବ୍ଦୀରେ କନ୍ୟା-ଶିକ୍ଷାକୁ ନେଇ ସମାଜର ଦୃଷ୍ଟି ବଦଳିଛି । କେବଳ ମଧ୍ୟମ ବର୍ଗ କାହିଁକି, ନିମ୍ନ ବିତୀୟ ବର୍ଗର ପରିବାର ମଧ୍ୟ ଝିଅଟିକୁ ସ୍କୁଲ ପଠାଉଛନ୍ତି । ଜେଜେମା' ନିଜ କୁନି ନାତୁଣୀକୁ ଗାଁ ଅଙ୍ଗନୱାଡ଼ିକୁ ନେଇ ଯାଉଛନ୍ତି । ଏଥର ଆମ ଗାଁରେ ଜଣେ ମଜୁରିଆ ଶ୍ରେଣୀର ବୃଦ୍ଧା କହିଲେ, ତାଙ୍କର ଚିନ୍ତା, 'ନାତୁଣୀ ଛୁଆଟି ଆଗକୁ ପଢ଼ିପାରନ୍ତା କି ?' ଅଳ୍ପ ଦିନ ତଳେ ଆଉ ଏକ ଗାଁ ସ୍କୁଲକୁ ଯାଇଥିବାବେଳେ ପଚାରି ଜାଣିଲି ଯେ ଝିଅ ସଂଖ୍ୟା ସେଠି ପୁଅଙ୍କ ଠାରୁ ଅଧିକ; ସ୍କୁଲ ଉପସ୍ଥାନରେ ସେମାନେ ଅଧିକ ନିୟମିତ, ଅଧିକ ସକ୍ରିୟ, ଅଧିକ ଶୃଙ୍ଖଳିତ । 'ରେବତୀ'ର ଜେଜେମା' କିମ୍ବା 'ସୁବର୍ଣ୍ଣଲତା'ର ଶାଶୂ ଆଉ ସେମାନଙ୍କ ପଢ଼ିବା ଆଗରେ ବାଧକ ନୁହନ୍ତି । ହେଲେ ସେମାନଙ୍କ ପାଇଁ କ'ଣ ଆଉ କୌଣସି ବାଧା ନାହିଁ? ତାହା ଅଛି ଓ ବିଭିନ୍ନ ରୂପରେ ଓ ବିଭିନ୍ନ ପ୍ରକାରେ ଅନ୍ତରାୟ ସାଜୁଛି । ତଥାପି ଗ୍ରାମାଚଂଳରେ ଏବଂ ଅତି ସାଧାରଣ ବର୍ଗରେ କନ୍ୟା-ଶିକ୍ଷାକୁ ନେଇ ଏହି ସଚେତନତା ଏକ ବଡ଼ ମାନସିକ ପରିବର୍ତ୍ତନକୁ ଇଙ୍ଗିତ କରେ ନାହିଁ କି ? ପରିସ୍ଥିତି ଆହୁରି ବଦଳିବ, ଯଦି ଏ ନେଇ ଆଲୋଚନା ଆହୁରି ବ୍ୟାପକ ଓ ପୂର୍ବାଗ୍ରହ ବିରହିତ ସମୀକ୍ଷାର ରୂପ ନେବ ।

## ସର୍ପରେ ଜାତ କଲୁ ମୋତେ

ପର୍ଯ୍ୟଟନ ହେଉଛି ନେପାଳୀ ଅର୍ଥନୀତିର ମେରୁଦଣ୍ଡ । ଅତ୍ୟଧିକ ସଂଖ୍ୟାରେ ପର୍ଯ୍ୟଟକମାନଙ୍କର ଅନୁପ୍ରବେଶ ହିମାଳୟର ସ୍ପର୍ଶକାତର ପରିବେଶ ଉପରେ ଯେଉଁ ଚାପ ସୃଷ୍ଟି କରିଥାଏ, ତା'ର ଯେ ବର୍ତ୍ତମାନର ବିପର୍ଯ୍ୟୟ ସହିତ ସଂପର୍କ ନାହିଁ, କିଏ କହିପାରିବ ? ନେପାଳରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ପରେ ସର୍ବପ୍ରଥମ ସାହାଯ୍ୟକାରୀ ବା 'ଫାଷ୍ଟ ରେସ୍‌ପଣ୍ଡର ରୂପେ ଆଗେଇ ଆସି ଭାରତ 'ଅପରେସନ୍ ମୈତ୍ରୀ ୨.୦' ନାମକ ଅଭିଯାନ ଆରମ୍ଭ କରିଦେଇ ସେ ଦେଶକୁ ଜରୁରିକାଳୀନ ଭିତ୍ତିରେ ଆବଶ୍ୟକ ଖାଦ୍ୟ, ଔଷଧପତ୍ର ଆଦି ଯୋଗାଇବାରୁ ଉଦ୍ଧାରକାରୀ ଦଳ ଓ ଯନ୍ତ୍ରପାତି ଆଦି ଯୋଗାଇବା ପର୍ଯ୍ୟନ୍ତ ବିଭିନ୍ନ ପଡ଼ୋଶୀସୁଲଭ ତଥା ମାନବୀୟ ପଦକ୍ଷେପମାନ ନେବାରେ ଲାଗିଛି । ସଚରାଚର ଏପରି କ୍ଷେତ୍ରରେ ସାହାଯ୍ୟ ସହାନୁଭୂତି ଲାଭ କରିଥିବା ଦେଶ ସାହାଯ୍ୟ ପ୍ରଦାନକାରୀ ଦେଶ ପ୍ରତି କୃତଜ୍ଞତା ପ୍ରକାଶ କରିବା ଦେଖାଯାଇଥାଏ । ଏବେ କିନ୍ତୁ ଏ ପ୍ରସଙ୍ଗରେ ନେପାଳ ଯେଉଁ ଆଚରଣ ପ୍ରଦର୍ଶନ କରିଛି, ତାହାକୁ ଏଇ ସ୍ୱାଭାବିକ ଧାରାର ସଂପୂର୍ଣ୍ଣ ବିପରୀତ କହିଲେ ଭୁଲ୍ ହେବ ନାହିଁ, ଯାହା ଭାରତୀୟମାନଙ୍କୁ ହତଭମ୍ବ କରିଦେଇଛି । ନେପାଳ କୃତଜ୍ଞତା ପ୍ରକାଶ କରିବା ପରିବର୍ତ୍ତେ ଭାରତ ଠାରୁ କ୍ଷତିପୂରଣ ଦାବି କରିଛି ! ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖନାଲ୍ ଏକ ଟେଲିଭିଜନ ଚାନେଲ୍‌କୁ ସାକ୍ଷାତ୍‌କାର ଦେବା ଅବସରରେ ଅଭିଯୋଗ କରିଛନ୍ତି ଯେ ଚୀନ, ଆମେରିକା ଓ ଭାରତ ଭଳି ଦେଶମାନଙ୍କର ''ଅତ୍ୟନ୍ତ ବିଶାଳ ଅବଦାନ'' ଯୋଗୁଁ ଯେଉଁ ଜଳବାୟୁ ପରିର୍ବିନ ଘଟିଚାଲିଛି, ନେପାଳ ପରି ଛୋଟିଆ ଦେଶମାନଙ୍କୁ ''ତା'ର ମୂଲ୍ୟ ବହନ'' କରିବାକୁ ପଡୁଛି । ନେପାଳ ବସ୍ତୁତଃ ଏଇ ଦେଶମାନଙ୍କ ଠାରୁ ଏବେ କ୍ଷତିପୂରଣ ଦାବି କରୁଛି । ଏହା ଦ୍ୱାରା ନେପାଳର ଜେନ୍-ଜି ସରକାର ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ନେପାଳବାସୀଙ୍କର ବିରାଗ ଭାଜନ ନ ହେବା ପାଇଁ ଏଇ ମର୍ମନ୍ତୁଦ ବିପର୍ଯ୍ୟୟର ଯେ ରାଜନୀତିକରଣ କରିବାକୁ ଚେଷ୍ଟା କରୁଛି, ତାହା ଜଳଜଳ ହୋଇ ଦେଖାଯାଉଛି । କିନ୍ତୁ ନେପାଳ ଦ୍ୱାରା ପ୍ରଦର୍ଶିତ ଏହି ଅକୃତଜ୍ଞତାକୁ ଆଡ଼େଇ ଦେଇ ନେପାଳର ଏଭଳି ଦାବି ଭାରତ ପାଇଁ ଏକ ଯୁକ୍ତିଯୁକ୍ତ ଓ ଆଇନସମ୍ମତ ଦାୟ ସୃଷ୍ଟି କରିବାର କେତେ ଦୂର ସମ୍ଭାବନା ରହିଛି, ତାହା ପରୀକ୍ଷା କରି ଦେଖିବାର ଏକ ନିଶ୍ଚିତ ଆବଶ୍ୟକତା ଏବେ ଉପସ୍ଥିତ ହୋଇଛି । ନେପାଳର ଅଭିଯୋଗ ଯେଉଁ ବିଜ୍ଞାନ ଉପରେ ଆଧାରିତ, ତାହା ଏବେ ବେଶ୍ ଜଣାଶୁଣା । ଏ ସଂପର୍କିତ ଜାତିସଂଘର ସଂସ୍ଥା 'ଇଣ୍ଟର ଗଭର୍ନମେଣ୍ଟାଲ୍ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜ' ('ଆଇପିସିସି') ସାବ୍ୟସ୍ତ କରିଛି ଯେ ପୃଥିବୀରେ ଅଙ୍ଗାରକାମ୍ଳ ଓ ମିଥେନ୍ ଆଦି ଉତ୍ତାପଧାରଣକାରୀ 'ଗ୍ରିନ୍‌ହାଉସ୍ ଗ୍ୟାସ୍' ('ଜିଏଚ୍‌ଜି') ନିର୍ଗମନରେ ଯେତେ ବୃଦ୍ଧି ଘଟି ଚାଲିବ, ତା' ସହିତ ତାଳ ଦେଇ ନେପାଳରେ ଘଟିଥିବା ଭଳି ଚରମ ଜଳବାୟୁ ବିପର୍ଯ୍ୟୟ ଘଟଣାମାନ ସେତେ ଅଧିକ ସଂଖ୍ୟାରେ ଘଟିବା ଦେଖାଯିବ । ତେବେ ପୃଥିବୀରେ ଏପରି କୌଣସି ଦେଶ ନାହିଁ, ଯେଉଁଠି ଆଦୌ 'ଜିଏଚ୍‌ଜି'ର ନିର୍ଗମନ ଘଟି ନ ଥାଏ- ଏପରିକି କୃଷି ଓ ଗୋପାଳନ ମଧ୍ୟ ଏହାର ଏକ ଉତ୍ସ ହୋଇଥାଏ । ଆଇନର ଦୃଷ୍ଟିକୋଣରୁ 'ଇଣ୍ଟରନେସନାଲ୍ କୋର୍ଟ ଅଫ ଜଷ୍ଟିସ୍' ('ଆଇସିଜେ') ଏହା ସ୍ପଷ୍ଟ କରିଦେଇଛି ଯେ ଯେତେବେଳେ କୌଣସି ଏକ କ୍ଷତିକାରକ କାର୍ଯ୍ୟ ଏକାଧିକ ରାଷ୍ଟ୍ରମାନଙ୍କ ଦ୍ୱାରା ସଂଘଟିତ ହୋଇଥାଏ, ସେତେବେଳେ ଏଥିରେ ପ୍ରତ୍ୟେକ ଦେଶର ଅବଦାନ ଅଲଗା ଅଲଗା ସ୍ଥିରୀକୃତ ହେବା ଆବଶ୍ୟକ । ନେପାଳ ଯଦି 'ଆଇସିଜେ'ର ଦ୍ୱାରସ୍ଥ ହୁଏ, ତାକୁ ତେଣୁ ପୃଥିବୀରେ ଅତୀତରେ ହୋଇଥିବା ଏବଂ ବର୍ତ୍ତମାନ ହେଉଥିବା 'ଜିଏଚ୍‌ଜି' ନିର୍ଗମନରେ ଭାରତର ଅଂଶ କେତେ ତାହା ନିର୍ଦ୍ଦିଷ୍ଟ ଭାବରେ ହିସାବ କରି ବାହାର କରିବାକୁ ହେବ, ଯାହା ବିଜ୍ଞାନସମ୍ମତ ହେବା ଓ ଅଦାଲତଙ୍କ ପାଇଁ ଗ୍ରହଣଯୋଗ୍ୟ ହେବା ଆବଶ୍ୟକ । ସେତିକି ନୁହେଁ, ନେପାଳକୁ ମଧ୍ୟ ପ୍ରଦର୍ଶିତ କରିବାକୁ ହେବ, ଭାରତ ଦ୍ୱାରା ସଂଘଟିତ ହୋଇଥିବା 'ଜିଏଚ୍‌ଜି' ନିର୍ଗମନର କେତେ ଅଂଶର ନେପାଳରେ ଘଟିଥିବା ବନ୍ୟା ବିପର୍ଯ୍ୟୟ ସହିତ ସିଧାସଳଖ ସଂପର୍କ ରହିଛି । ଯଦି ବି ଏ ସମସ୍ତ ଅସମ୍ଭବକୁ ସମ୍ଭବ କରି ନେପାଳ ଭାରତକୁ ଆନ୍ତର୍ଜାତିକ ଅଦାଲତରେ କାଠଗଡ଼ାକୁ ଟାଣେ, ସେଠାରେ ମଧ୍ୟ ତାକୁ ଆଉ ଏକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ । ଲକ୍ଷ୍ୟ କରିବା କଥା ନେପାଳ ଯେଉଁ ଦେଶମାନଙ୍କ ବିରୁଦ୍ଧରେ ଅଭିଯୋଗ କରିଛି, ସେମାନଙ୍କ ମଧ୍ୟରେ ଇଉରୋପର କୌଣସି ଦେଶ ଅନ୍ତର୍ଭୁକ୍ତ ନୁହେଁ । କିନ୍ତୁ ଏହା ସର୍ବଜନବିଦିତ ଯେ ପୃଥିବୀର ଇତିହାସରେ ତା'ର କୌଣସି ଅଚଂଳ ଯଦି ସର୍ବାଧିକ 'ଜିଏଚ୍‌ଜି' ନିର୍ଗମନ ଘଟାଇଥାଏ, ତାହା ହେଉଛି ଶିଳ୍ପ ବିପ୍ଳବର ଜନ୍ମଭୂମି ବ୍ରିଟେନ୍ ଓ ଇଉରୋପ । ଆଉ ଇଉରୋପ ଓ ଭାରତ ମଧ୍ୟରେ ଏ ବାବଦରେ ଥିବା ଏକ ବିଶେଷ ଫରକକୁ ମଧ୍ୟ ଅଦାଲତ ଅଣଦେଖା କରିପାରିବେ ନାହିଁ । ଇଉରୋପ ପ୍ରାଚୁର୍ଯ୍ୟର ଅନୁଧାବନ କରି ଏହି ନିର୍ଗମନ ଘଟାଇଥିବା ବେଳେ ଭାରତ ଜୀବନଧାରଣର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ବେଳେ ଏଭଳି ନିର୍ଗମନ ଘଟିଛି । ନେପାଳର ଅଭିଯୋଗ ତେଣୁ ନ୍ୟାୟସଂଗତ ନୁହେଁ ଏବଂ ପକ୍ଷପାତିତାମୂଳକ ବୋଲି ସାବ୍ୟସ୍ତ ହେବ । ନେପାଳ ତେଣୁ ଭାରତ ଠାରୁ କ୍ଷତିପୂରଣ ଦାବି କରି ଆନ୍ତର୍ଜାତିକ ଅଦାଲତର ଦ୍ୱାରସ୍ଥ ହେବାର ସମ୍ଭାବନା କ୍ଷୀଣ । ପରିବେଶ ପ୍ରଦୂଷଣ ପରିପ୍ରେକ୍ଷୀରେ ନେପାଳର ଆଚରଣ ମଧ୍ୟ ସାଧୁସନ୍ଥସୁଲଭ ନୁହେଁ । ପର୍ଯ୍ୟଟନ ହେଉଛି ନେପାଳୀ ଅର୍ଥନୀତିର ମେରୁଦଣ୍ଡ । ଅତ୍ୟଧିକ ସଂଖ୍ୟାରେ ପର୍ଯ୍ୟଟକମାନଙ୍କର ଅନୁପ୍ରବେଶ ହିମାଳୟର ସ୍ପର୍ଶକାତର ପରିବେଶ ଉପରେ ଯେଉଁ ଚାପ ସୃଷ୍ଟି କରିଥାଏ, ତା'ର ଯେ ବର୍ତ୍ତମାନର ବିପର୍ଯ୍ୟୟ ସହିତ ସଂପର୍କ ନାହିଁ, କିଏ କହିପାରିବ ? ଭାରତ ବର୍ତ୍ତମାନ ନେପାଳକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଯେଉଁ ସାହାଯ୍ୟ ଯୋଗାଉଛି, ତାହା ସେ ଦେଶ ସହିତ ୧୯୫୦ରେ ସ୍ୱାକ୍ଷରିତ ଶାନ୍ତି ଓ ମୈତ୍ରୀ ଚୁକ୍ତି ସହିତ ଖାପ ଖାଇଥାଏ, ଯଦିବା ବିଧିବଦ୍ଧ ଭାବରେ ଏହାକୁ ସେଇ ଚୁକ୍ତି ସହିତ ସଂଯୁକ୍ତ କରାଯାଇ ନାହିଁ । ଏହା ବ୍ୟତୀତ ଉଭୟ ଦେଶ ହେଉଛନ୍ତି ଆଚଂଳିକ ସଂଗଠନ 'ସାର୍କ'ର ସଦସ୍ୟ ଏବଂ ତାହା ଅନ୍ତର୍ଗତ 'ଆଗ୍ରିମେଣ୍ଟ ଅନ୍ ରାପିଡ୍ ରେସ୍‌ପନ୍‌ସ ଟୁ ନାଚୁରାଲ୍ ଡିଜାଷ୍ଟର୍ସ, ୨୦୧୧' ଚୁକ୍ତିର ସ୍ୱାକ୍ଷରକାରୀ ସଦସ୍ୟ । କିନ୍ତୁ ଏହା ସତ୍ତ୍ୱେ ନେପାଳର କୃତଘ୍ନ ଆଚରଣ ପ୍ରଦର୍ଶନ ପରେ ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଭାରତ ତାକୁ ସାହାଯ୍ୟ ପ୍ରଦାନ ଅବ୍ୟାହତ ରଖିବା ଉଚିତ କି ? ଏହାର ଏକମାତ୍ର ତଥା ଦ୍ୱିଧାହୀନ ଉତ୍ତର ହେଉଛି- ହଁ । ଏହାର କାରଣ ନିମ୍ନୋକ୍ତ ସୁଫି କାହାଣୀଟିରେ ନିହିତ ଥାଏ । ଥରେ ଜଣେ ବାଟୋଇ ଜଙ୍ଗଲ ଭିତରେ ଯିବାବେଳେ ଦେଖିଲେ ଗୋଟିଏ ସ୍ଥାନରେ ବଣବୁଦାରେ ନିଆଁ ଲାଗିଯାଇଛି ଓ ତା' ଭିତରେ ଥିବା ଏକ ଫାଙ୍କା ଜାଗାରେ ସାପଟିଏ ଅଟକି ଯାଇ ଆର୍ତ୍ତଚିତ୍କାର କରୁଛି । ବାଟୋଇ ତତ୍‌କ୍ଷଣାତ୍ ହାତରେ ଧରିଥିବା ଲମ୍ବା ବାଡ଼ିଟିକୁ ବଢ଼ାଇ ଦେଲେ ଓ ସାପଟି ସେଥିରେ ଗୁଡ଼େଇ ହୋଇଗଲା ପରେ ତାକୁ ବାହାରକୁ ନେଇ ଆସିଲେ । ସାପଟି ବାହାରକୁ ଆସିବା ମାତ୍ରେ କିନ୍ତୁ ବାଟୋଇଙ୍କ ହାତକୁ କାମୁଡ଼ିଦେଲା । ବାଟୋଇ ଯନ୍ତ୍ରଣାରେ ହାତ ଛାଟି ଦେବାରୁ ସାପଟି ଛିଟ୍‌କି ଯାଇ ପୁଣି ନିଆଁ ମଝିରେ ପଡ଼ିଗଲା । ବାଟୋଇ ଜଣକ ନିଜ ଯନ୍ତ୍ରଣାକୁ ଖାତିର ନ କରି ପୁନରାୟ ନିଜର ବାଡ଼ିଟିକୁ ବଢ଼ାଇ ସାପକୁ ନିରାପଦରେ ନିଆଁ ଭିତରୁ ବାହାର କରି ଆଣିଲେ । ଏ ଦୃଶ୍ୟ ଦେଖିଥିବା ଆଉ ଜଣେ ପଥିକ ଆଶ୍ଚର୍ଯ୍ୟଚକିତ ହୋଇ ସେ ବାଟୋଇଙ୍କୁ ତାଙ୍କର ଏତାଦୃଶ ଆଚରଣର କାରଣ ପଚାରିବାରୁ ସେ ଯେଉଁ ଉତ୍ତର ଦେଲେ, ତାହାର ସାରମର୍ମ ହେଲା : ''ସାପର ସ୍ୱଭାବ ହେଉଛି ଦଂଶନ କରିବା, ମନୁଷ୍ୟର ସ୍ୱଭାବ ହେଉଛି ଅସହାୟକୁ ସାହାଯ୍ୟ କରିବା । ଆମେ ଉଭୟ ଆମର ସ୍ୱଭାବ ଅନୁସାରେ କାର୍ଯ୍ୟ କରିଛୁ ।'' ପ୍ରଶ୍ନକର୍ତ୍ତା ପଥିକଙ୍କର ମନେ ପଡ଼ିଗଲା : ''ସର୍ପରେ ଜାତ କଲୁ ମୋତେ, ସ୍ୱଭାବ ଛାଡ଼ିବି କେମନ୍ତେ ?''

## ଶିକ୍ଷା କ୍ଷେତ୍ରରେ ଅସଲ ସଂକଟ

### ଅମିୟ ଭୂଷଣ ତ୍ରିପାଠୀ

ନିଟ୍‌ରେ ହେଉଥିବା ପ୍ରଶ୍ନପତ୍ର ପ୍ରଘଟ, ସିବିଏସ୍‌ଇ ଅଘଟଣ, ଓଡ଼ିଶାରେ ଘଟିଥିବା ଅକ୍ଷମଣୀୟ ପାଠ୍ୟପୁସ୍ତକ ମୁଦ୍ରଣରେ ତ୍ରୁଟି ଉପରେ ଆଲୋଚନା କରିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ ନୁହେଁ । ଉଦ୍ଦେଶ୍ୟ ହେଉଛି, ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟମାନଙ୍କ ପର୍ଯ୍ୟନ୍ତ, ଆମ ଶିକ୍ଷା ବ୍ୟବସ୍ଥା, ଯେଉଁ ସଂକଟ ମଧ୍ୟ ଦେଇ ଗତି କରୁଛି, ତା' ଉପରେ ଆଲୋଚନା କରିବା । ଏ ସଂକଟ ଯେ ହଠାତ୍ ଆସିଲା, ତାହା ନୁହେଁ । ଗତ କେତେ ଦଶନ୍ଧି ଧରି ଏହା ଚାଲି ଆସିଛି ଏବଂ ବିଭିନ୍ନ ସରକାର ତ୍ରୁଟି ନିରାକରଣ କରିବା ବଦଳରେ ଏହାକୁ ଆହୁରି ଘନୀଭୂତ କରିଛନ୍ତି ।  ବର୍ତ୍ତମାନ ଦେଶର ଜନସଂଖ୍ୟାଗତ ଭାଗମାପ ଯାହା ତ ?ହିଁରେ ଦେଶକୁ 'ଡେମୋଗ୍ରାଫିକ ଡିଭିଡେଣ୍ଡ' ବା ଜନସଂଖ୍ୟାର ଲାଭ ମିଳିବା ଆରମ୍ଭ କରିବା କଥା । ବର୍ତ୍ତମାନ ଭାରତରେ ୧୫ ବର୍ଷରୁ ୬୪ ବର୍ଷ ବୟସ ବନ୍ଧନୀ ମଧ୍ୟରେ ଅଛନ୍ତି ପ୍ରାୟ ୬୭% ଲୋକ, ଯେଉଁମାନେ ମୋଟାମୋଟି କାର୍ଯ୍ୟକ୍ଷମ ଏବଂ ୧୫ ବର୍ଷରୁ ୪୫ ବର୍ଷ ବୟସ ବନ୍ଧନୀରେ ଅଛନ୍ତି ପ୍ରାୟ ୪୮% ଲୋକ, ଯେଉଁମାନେ ଶିକ୍ଷା, ବ୍ୟବସାୟ, ଚାକିରି ଓ ଉତ୍ପାଦନରେ ନିବିଡ଼ ଭାବେ ସଂଶ୍ଳିଷ୍ଟ । ପୂର୍ବ ଏସିଆର ଜାପାନ, ଦକ୍ଷିଣ କୋରିଆ, ତାଇୱାନ ଓ ଚୀନ ଏବଂ ଦକ୍ଷିଣ ପୂର୍ବ ଏସିଆର ଥାଇଲାଣ୍ଡ, ଭିଏତନାମ ଆଦି ଦେଶମାନେ ତାଙ୍କ 'ଡେମୋଗ୍ରାଫିକ ଡିଭିଡେଣ୍ଡ' ସମୟରେ ଅଭୂତପୂର୍ବ ବିକାଶ ସାଧନ କରିଛନ୍ତି ଓ କରୁଛନ୍ତି । ଏ ଅବସ୍ଥା ଭାରତରେ ଏ ଶତାବ୍ଦୀର ପ୍ରଥମ ଦଶକର ଶେଷ ଭାଗରେ ଆସିଛି ଓ ଏହା ପ୍ରାୟ ୨୦୫୦ ଯାଏ ରହିବ । ଏହାର ଶୀର୍ଷ ସମୟ ହେବ ୨୦୪୦-୪୧ ମସିହା । କିନ୍ତୁ ପ୍ରଶ୍ନ ହେଲା, ଭାରତ ଏହାର ଲାଭ ଉଠାଇ ପାରିବ ତ ? କାରଣ ଗୁଣାତ୍ମକ ଶିକ୍ଷାର ଅଭାବ ହେତୁ ଦକ୍ଷତାହୀନ ଓ ନିଯୁକ୍ତିହୀନ ଭାରତୀୟ ଯୁବକଙ୍କ ସଂଖ୍ୟାରେ ବୃଦ୍ଧି ହେବ ସିନା, ତାହା ଦେଶର କାମରେ ଲାଗି ପାରିବ ନାହିଁ । ସପ୍ତମ-ଅଷ୍ଟମ ଦଶକ ପର୍ଯ୍ୟନ୍ତ ଭାରତ ଓ ଚୀନ ଆର୍ଥିକ ଦୃଷ୍ଟିରୁ ପ୍ରାୟ ଏକା ସ୍ତରରେ ଥିଲେ । ହେଲେ, ଏବେ ପ୍ରାୟ ୨୦ ଟ୍ରିଲିଅନ ଡଲାରର ଜି.ଡି.ପି. ସହିତ ଚୀନ ପୃଥିବୀର ଦ୍ୱିତୀୟ ବୃହତମ ଅର୍ଥନୀତି । ଭାରତର ଜି.ଡି.ପି. ହେଉଛି ୪.୫ ଟ୍ରିଲିଅନ ଡଲାର, ଚୀନର ପ୍ରାୟ ଏକ-ପଚଂମାଂଶ । ଏହାର ଏକ ବଡ଼ କାରଣ ହେଲା ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଭାରତର ସ୍ଥାନ ଖୁବ୍ ପଛୁଆ ହୋଇଥିବା ବେଳେ ଚୀନ ବହୁତ ଆଗେଇ ଗଲାଣି । ବିଶ୍ୱର ୧୦୦ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭିତରୁ ଚୀନରେ ୫ଟି ଥିଲାବେଳେ ଭାରତରେ ଗୋଟିଏ ମଧ୍ୟ ନାହିଁ । ସାର୍ବଜନୀନ ଶିକ୍ଷା ଯୋଜନା ହେତୁ ଏବେ ଅବଶ୍ୟ ଦେଶର କୋ ?ଣ ଅନୁକୋଣରେ ସରକାରୀ ସ୍କୁଲ ଓ କଲେଜମାନ ଖୋଲିଛି, କିନ୍ତୁ ଶିକ୍ଷାର ସ୍ଥିତି ଓ ଗୁଣାତ୍ମକତା ଅତ୍ୟନ୍ତ ନିମ୍ନ ସ୍ତରୀୟ । ୨୦୧୪ ସୁଦ୍ଧା ସମଗ୍ର ଦେଶରେ ୩୭,୦୦୦ କଲେଜ ଓ ୭୫୦ ବିଶ୍ୱବିଦ୍ୟାଳୟ ଥିଲେ । ୨୦୨୩ ମସିହା ବେଳକୁ ଏହି ସଂଖ୍ୟା ବୃଦ୍ଧି ପାଇ ୫୪,୦୦୦ କଲେଜ ଓ ପ୍ରାୟ ୧,୩୦୦ ବିଶ୍ୱବିଦ୍ୟାଳୟରେ ପହଚିଂଛି । ଉଚ୍ଚ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୦୧୧-୧୨ରେ ପ୍ରାୟ ୨୫ ଲକ୍ଷ ଥିଲାବେଳେ ୨୦୨୩ରେ ତାହା ୩୦ ଲକ୍ଷ ହୋଇଛି, ଅର୍ଥାତ୍ ଅଭିବୃଦ୍ଧି ୨୨ ପ୍ରତିଶତ ବା ଏକ-ଚତୁର୍ଥାଂଶରୁ ସାମାନ୍ୟ କମ୍ ?ଅଥଚ, ଘରୋଇ କଲେଜରେ ୨୦୧୧-୧୨ରେ ୨ ଲକ୍ଷ ୭୦ ହଜାର ବିଦ୍ୟାର୍ଥୀ ଥିଲାବେଳେ ୨୦୨୩ରେ ପ୍ରାୟ ୧୬ ଲକ୍ଷ ବିଦ୍ୟାର୍ଥୀ ପଢୁଛନ୍ତି, ଅର୍ଥାତ୍ ପ୍ରାୟ ୫ ଗୁଣ ବୃଦ୍ଧି । ଏଥିରୁ ସରକାରୀ ଶିକ୍ଷାନୁଷ୍ଠାନର ଦୟନୀୟ ଚିତ୍ର ସ୍ପଷ୍ଟ ହେଉଛି । ସରକାରୀ ଶିକ୍ଷାନୁଷ୍ଠାନ ତୁଳନାରେ ଛାତ୍ରଛାତ୍ରୀ ସଂଖ୍ୟା କମୁଥିବାରୁ ସରକାରୀ ସ୍କୁଲକୁ ବନ୍ଦ କରିବାକୁ ହେଉଛି । 'ନିତି' ଆୟୋଗଙ୍କ ଏକ ରିପୋର୍ଟରୁ ଜଣାଯାଏ ଦେଶରେ ଗତ ଦଶନ୍ଧିରେ ୯୪,୦୦୦ଟି ସରକାରୀ ବିଦ୍ୟାଳୟ ବନ୍ଦ ହୋଇଯାଇଛି, ଅର୍ଥାତ୍ ପ୍ରତିଦିନ ପ୍ରାୟ ୨୫ଟି ବିଦ୍ୟାଳୟ ବନ୍ଦ ହେଉଛି । ଅନ୍ୟପକ୍ଷେ ଘରୋଇ ବିଦ୍ୟାଳୟ ୨ ଲକ୍ଷ ୮୮ ହଜାରରୁ ବୃଦ୍ଧି ପାଇ ୩ ଲକ୍ଷ ୪୦ ହଜାରରେ ପହଚିଂଛି । ୨୦୦୫ରେ ସରକାରୀ ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀ ସଂଖ୍ୟା ମୋଟ ସଂଖ୍ୟାର ୭୧ ପ୍ରତିଶତ ଥିଲାବେଳେ ୨୦୨୫ରେ ଏହା ୪୯ ପ୍ରତିଶତକୁ ଖସିଛି । 'ଇଣ୍ଡିଆ ଟୁଡେ'ର ସର୍ବେକ୍ଷଣରୁ ଜଣାପଡ଼େ ଯେ ଘରୋଇ ଅନୁଷ୍ଠାନର ମାନଦଣ୍ଡ ବୃଦ୍ଧି ପାଉଥିବାବେଳେ ସରକାରୀ ଶିକ୍ଷାନୁଷ୍ଠାନମାନେ ନିମ୍ନଗାମୀ ହେଉଛନ୍ତି । ଯେହେତୁ ଏକ ବିଶାଳ ସଂଖ୍ୟକ ଛାତ୍ରଛାତ୍ରୀ ତଥାପି ସରକାରୀ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ପଢୁଛନ୍ତି, କୁହାଯାଇପାରେ ଯେ ସେମାନଙ୍କ ଶିକ୍ଷାଗତ ମୂଳଦୁଆ ଅତ୍ୟନ୍ତ ଦୁର୍ବଳ ହୋଇଛି, ଯାହା ଉପରେ ନିର୍ଭର କରି ବିକାଶର ଇମାରତ ଛିଡ଼ା ହୋଇ ପାରିବ ନାହିଁ ।  ଏବେ ଆମ ରାଜ୍ୟ ଓଡ଼ିଶା କଥା ଦେଖିବା । ଓଡ଼ିଶାରେ ବର୍ତ୍ତମାନ ୪୮,୦୦୦ଟି ସରକାରୀ, ୬,୦୦୦ଟି ସାହାଯ୍ୟପ୍ରାପ୍ତ ଓ ୬,୦୦୦ଟି ଘରୋଇ ବିଦ୍ୟାଳୟ ଅଛି । ଏ ସବୁ ବିଦ୍ୟାଳୟମାନଙ୍କରେ ବିଦ୍ୟାର୍ଥୀଙ୍କ ସଂଖ୍ୟା ୭୮ ଲକ୍ଷ । ଶିକ୍ଷକମାନଙ୍କ ସଂଖ୍ୟା ପ୍ରାୟ ୩ ଲକ୍ଷ ୪୧ ହଜାର । କିନ୍ତୁ ଏହି ପରିସଂଖ୍ୟାନରେ ଥିବା ପ୍ରମାଦଟି ହେଲା ସରକାରୀ ସ୍କୁଲରେ ୪୦ରୁ ୫୦ ପ୍ରତିଶତ ପଦ ଖାଲି ପଡ଼ିଛି । ଅତ୍ୟନ୍ତ ଶୋଚନୀୟ କଥା ହେଲା ପ୍ରାୟ ୧୫୦୦ ବିଦ୍ୟାଳୟରେ ମାତ୍ର ଜଣେ ଶିକ୍ଷକ ଅଛନ୍ତି । ପୁଣି ସରକାରୀ ଶିକ୍ଷକଙ୍କ କାର୍ଯ୍ୟ କେବଳ ଶିକ୍ଷାଦାନରେ ସୀମିତ ନୁହେଁ, ସେମାନେ ଜନଗଣନା, ନିର୍ବାଚନ ସଂକ୍ରାନ୍ତ କାର୍ଯ୍ୟ ଆଦି କରନ୍ତି । ଶିକ୍ଷା ଅଧିକାର ଏକ ମୌଳିକ ଅଧିକାର ହେବା ପରେ ପ୍ରତ୍ୟେକ ବିଦ୍ୟାଳୟରେ ଅନ୍ତତଃ ୨ ଜଣ ଶିକ୍ଷକ ରହିବା କଥା । କିନ୍ତୁ, ସରକାରୀ ତଥ୍ୟ ଅନୁସାରେ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ପ୍ରାୟ ୪୫,୦୦୦ ଶିକ୍ଷକ ପଦ ଖାଲି ଅଛି । ଉଚ୍ଚ ବିଦ୍ୟାଳୟଗୁଡ଼ିକର ସ୍ଥିତି ମଧ୍ୟ ତଦ୍ରୂପ । ଏଣେ ପଦ ପୂରଣ କରାଯିବା ନେଇ ଚିନ୍ତା କଲାବେଳକୁ ଦେଖାଯାଉଛି ଯେ ଉପଯୁକ୍ତ ସଂଖ୍ୟକ ଡିଗ୍ରିଧାରୀ ବା ପ୍ରଶିକ୍ଷିତ ପ୍ରାର୍ଥୀ ନାହାନ୍ତି । ଯେଉଁମାନେ ଅଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ଦକ୍ଷତା ଦୃଷ୍ଟିରୁ ଅଯୋଗ୍ୟ । ରାଜ୍ୟରେ ସରକାରୀ ବି.ଏଡ୍. କଲେଜ ସଂଖ୍ୟା ମାତ୍ର ୧୫ରୁ ୧୮; ଏଣୁ ବେସରକାରୀ ବି.ଏଡ୍. କଲେଜ ଓ ବାହାର ରାଜ୍ୟରୁ ବି.ଏଡ୍. କରୁଥିବା ବିଦ୍ୟାର୍ଥୀମାନଙ୍କ ସଂଖ୍ୟା ବଢୁଛି, ଯେଉଁମାନଙ୍କ ଦକ୍ଷତା ସନ୍ଦେହାସ୍ପଦ ବୋଲି ଅଭିଯୋଗ ଶୁଣିବାକୁ ମିଳିଥାଏ । ଯଦିଓ, ଏବେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି; କିନ୍ତୁ ବିଭିନ୍ନ ପର୍ଯ୍ୟାୟରେ ୧୫,୦୦୦ ଶିକ୍ଷକ ନିଯୁକ୍ତି ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁ ନାହିଁ । ମୋଟ ଉପରେ ଶିକ୍ଷା ଓ ପ୍ରଶିକ୍ଷଣ ସକାଶେ ଉଚ୍ଚ ଗୁଣବତାକୁ ପ୍ରାଧାନ୍ୟ ଦିଆଯାଉନାହିଁ ।  ସୁତରାଂ, ସ୍ଥିତି ଯାହା, ସେଥିରେ ଜଣାପଡୁଛି ଯେ ସରକାରୀ ଶିକ୍ଷାନୁଷ୍ଠାନମାନଙ୍କ ଆକର୍ଷଣ ହ୍ରାସ ପାଉଥିବା ବେଳେ ଘରୋଇ ଶିକ୍ଷାନୁଷ୍ଠାନର ଆକର୍ଷଣ ବଢୁଛି । ଦ୍ୱିତୀୟରେ ସରକାରୀ ଅନୁଷ୍ଠାନମାନଙ୍କରେ ଶିକ୍ଷକ ମରୁଡ଼ି ଥିବାବେଳେ ଘରୋଇ କ୍ଷେତ୍ରରେ ତାହା ନାହିଁ । ନବମ ଦଶକରେ ରେଭେନ୍‌ସା କଲେଜରେ ପ୍ରାୟ ୫୦ଟି ପଦ ଖାଲି ଥିଲା । ୨୦୦୬ରେ ଏହା ବିଶ୍ୱବିଦ୍ୟାଳୟ ହେଲା ପରେ ଆଶା କରାଯାଉଥିଲା ବୃଦ୍ଧି ପାଇଥିବା ଶହେରୁ ଅଧିକ ପଦ ପୂରଣ ହେବ । ବର୍ତ୍ତମାନ ୨୦୨୬ ଏବଂ ଅଧ୍ୟାପକ ସଂଖ୍ୟା ୧୫୦ ପାଖାପାଖି ବଢ଼ିଛି, କିନ୍ତୁ ଅଭାବ ମେଣ୍ଟିଂ ନାହିଁ । ରାଜ୍ୟରେ ସରକାରୀ କଲେଜ ସଂଖ୍ୟା ପ୍ରାୟ ୧୦୨୫ । ଏ ଅନୁଷ୍ଠାନମାନଙ୍କରେ ପ୍ରାୟ ୬୦ ପ୍ରତିଶତ ଅଧ୍ୟାପକ ପଦ ଖାଲି ଅଛି । ରାଜ୍ୟର ୪୪ଟି ବିଶ୍ୱବିଦ୍ୟାଳୟରୁ ସରକାରୀ ସଂଖ୍ୟା ୨୫, ଯହିଁରେ ୨୦୦୦ ଅଧ୍ୟାପକ ଆବଶ୍ୟକ ଥିଲାବେଳେ ଅଛନ୍ତି ପ୍ରାୟ ୬୬୦ । ୨୦୦୫-୦୬ରେ ମୁଁ ଜାତୀୟ ମାନବାଧିକାର କମିସନଙ୍କ ସ୍ୱତନ୍ତ୍ର ପ୍ରତିନିଧି ରୂପେ କୋରାପୁଟ ଓ କଳାହାଣ୍ଡି ଗସ୍ତ ବେଳେ ଦେଖିଲି କଲେଜମାନଙ୍କରେ ପ୍ରାୟ ୫୦ ପ୍ରତିଶତ ପଦ ଖାଲି । ସେ ଅବସ୍ଥାରେ ଏ ପର୍ଯ୍ୟନ୍ତ କୌଣସି ଉନ୍ନତି ହୋଇନାହିଁ ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







## ସାର୍ବଜନୀନ ସ୍ଥାନକୁ ଜବରଦଖଲ ମୁକ୍ତ, ସ୍ୱଚ୍ଛ ଓ ସୁରକ୍ଷିତ ଲକ୍ଷ୍ୟରେ ଏସ୍‌ଏମ୍‌ସି ଏନ୍‌ଫୋର୍ସମେଂଟ ସ୍କ୍ୱାଡ୍ ଓ ପୋଲିସ ପକ୍ଷରୁ ମିଳିତ ଅଭିଯାନ

ସମ୍ବଲପୁର,୧୩/୯(ନି/ପ୍ର): ସମ୍ବଲପୁର ସହରାଂଚଳର ସାର୍ବଜନୀନ ସ୍ଥାନକୁ ଜବରଦଖଲମୁକ୍ତ, ସ୍ୱଚ୍ଛ ଓ ସୁରକ୍ଷିତ ଲକ୍ଷ୍ୟରେ ଏସ୍‌ଏମ୍‌ସି ଏନ୍‌ଫୋର୍ସମେଂଟ ସ୍କ୍ୱାଡ୍ ଓ ଧନୁପାଲି ଥାନା ପୋଲିସ ପକ୍ଷରୁ ମିଳିତ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ପୁରୁଣା ସିଆର୍‌ପିଏଫ୍ କ୍ୟାମ୍ପସ ନିକଟସ୍ଥ ଅଂଚଳ, ଚାରବାଟୀ ଛକ ଏବଂ ଧନୁପାଲି ଚୌଧୁରୀ ଛକ ରାସ୍ତା ସମେତ ବିଭିନ୍ନ ସ୍ଥାନରେ ଦୀର୍ଘଦିନ ଧରି ପଡ଼ି ରହିଥିବା ଅବ୍ୟବହୃତ ଓ ପରିତ୍ୟକ୍ତ ଠେଲାଗାଡ଼ି ଓ କେବିନ୍ ଗୁଡ଼ିକୁ ଉଠାଇ ନିଆଯାଇଛି। ଏହିପରି ଅବ୍ୟବହୃତ କେବିନ୍ ଓ ଠେଲା ଗାଡ଼ିଗୁଡ଼ିକ ସାର୍ବଜନୀନ ସ୍ଥାନର ରହିବା ଫଳରେ କେବଳ ରାସ୍ତା ଅବରୋଧ କରୁନାହିଁ, ବରଂ କେତେକ ସ୍ଥାନରେ ଅସାମାଜିକ ତତ୍ତ୍ୱଙ୍କ ଅପରାଧିକ କାର୍ଯ୍ୟକଳାପର ପ୍ରମୁଖ ସ୍ଥାନ ପାଲଟୁଥିବା ଦେଖିବାକୁ ମିଳୁଛି। ବିଶେଷ ଭାବରେ ସନ୍ଧ୍ୟାପରେ କିଛି ଅସାମାଜିକ ଯୁବଗୋଷ୍ଠୀ ଅନ୍ଧାରର ସୁଯୋଗ ନେଇ ମଦ୍ୟପାନ ସହ କିଛି ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ ଏବଂ ନିଷିଦ୍ଧ, ଅନଧିକୃତ କଫ୍ ସିରପ୍ର ଚୋରା କାରବାର କରାଯାଉଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ଜନ ସାଧାରଣଙ୍କ ସୁରକ୍ଷା ସହିତ ଅଂଚଳର ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବହୁ ବିଳମ୍ବରେ ହେଲେବି, ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେବା ଆରମ୍ଭ କରିଛି। ଆଜିର ଏହି ମିଳିତ ଅଭିଯାନରେ ଧନୁପାଲି ଥାନା ଆଇଆଇସି ଆଦିତ୍ୟ ମହାକୁଲ, ଏସ୍‌ଏମସି ଏନଫୋର୍ସମେଂଟ ଅଫସର ସୁଶାନ୍ତ କୁମାର ସାହୁ, କନିଷ୍ଠ ଏନଫୋର୍ସମେଂଟ ଅଫସର ସୁଗମ ମିଶ୍ର, ଶ୍ରୀକାନ୍ତ ପାତ୍ରଙ୍କ ସମେତ ଏସ୍‌ଏମସି ଏନ୍‌ଫୋର୍ସମେଂଟ ଟିମ୍ ଏବଂ ଧନୁପାଲି ଥାନାର ପୋଲିସ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରଶାସନ ରାସ୍ତା ପାର୍ଶ୍ୱର ବ୍ୟବସାୟୀମାନଙ୍କ ଜୀବିକାକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଏବଂ ଆଇନସମ୍ମତ ଭାବେ ବ୍ୟବସାୟ କରୁଥିବା ପ୍ରକୃତ ଷ୍ଟ୍ରିଟ୍ ଭେଣ୍ଡରମାନଙ୍କ ଜୀବିକା ସୁରକ୍ଷିତ ରହିବା ପ୍ରତି ବେଶ୍ ଯତ୍ନବାନ ଥିବା ଆଜିର ଉଚ୍ଛେଦ ବେଳେ ଦେଖିବାକୁ ମିଳିଥିଲା। ସାର୍ବଜନୀନ ସ୍ଥାନର ସୁରକ୍ଷା, ଆଇନ ଶୃଙ୍ଖଳା ଓ ସହରର ଶାନ୍ତି ଓ ସୌହାର୍ଦ୍ଦ ବଜାୟ ରଖିବା ମଧ୍ୟ ପୋଲିସ ଓ ପ୍ରଶାସନର ସମାନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ତେଣୁ ସମସ୍ତ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ କେବଳ ଅନୁମୋଦିତ ସ୍ଥାନରେ ଆଇନସମ୍ମତ ବ୍ୟବସାୟ କରିବା ଏବଂ ନିଜର ଠେଲା, ଗାଡ଼ି କିମ୍ବା କ୍ୟାବିନ୍‌କୁ କୌଣସି ପ୍ରକାର ଅସାମାଜିକ ବା ଅବୈଧ କାର୍ଯ୍ୟକଳାପ ପାଇଁ ସୁଯୋଗ ନଦେବା ପାଇଁ ଅନୁରୋଧ କରାଯାଇଥିଲା। ଆଗାମୀ ଦିନରେ ସହରର ଅନ୍ୟାନ୍ୟ ସମ୍ବେଦନଶୀଳ ଓ ଅବରୋଧ ପ୍ରବଣ ଅଂଚଳରେ ଏହିଭଳି ସ୍ଥାନୀୟ ଥାନା ପୋଲିସକୁ ନେଇ ମିଳିତ ଅଭିଯାନ ଜାରି ରହିବ ବୋଲି ଏସ୍‌ଏମସି ପକ୍ଷରୁ କୁହାଯାଇଛି। ଦୀର୍ଘ ବର୍ଷ ପରେ ସମ୍ବଲପୁର ସହରକୁ ଏକ ସ୍ୱଚ୍ଛ, ଅବରୋଧମୁକ୍ତ, ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ସହର ଭାବେ ଗଢିତୋଳିବା ପାଇଁ ଏସ୍‌ଏମ୍‌ସି ସମସ୍ତ ନାଗରିକଙ୍କ ସହଯୋଗ କାମନା କରିବା ଘଟଣାକୁ ବୁଦ୍ଧିଜୀବୀ ମହଲରୁ ଉଚ୍ଚ ପ୍ରଶଂସା କରାଯାଇଛି।

## ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ସଚେତନତା ଓ କ୍ୱିଜ୍

ସମ୍ବଲପୁର,୧୩/୯(ନି/ପ୍ର): ଓଡ଼ିଶା ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟ ଏବଂ ଉଚ୍ଚତର ଶିକ୍ଷା ନିର୍ଦ୍ଦେଶାଳୟର ମିଳିତ ସହଯୋଗିତାରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ-୨୦୧୬ ସମ୍ବନ୍ଧୀୟ ସଚେତନତା ତଥା କ୍ୱିଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଆଂଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ସକ୍ରିୟ ସହଯୋଗ କରିଥିଲେ। ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଆଦି ଜିଲ୍ଲାର ୮ଟି ମହାବିଦ୍ୟାଳୟର ଛାତ୍ର, ଛାତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର କଳ୍ପନା ମେହେର ସ୍ୱାଗତ ସଂଭାଷଣ ପ୍ରଦାନ କରି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଅଧିକାର ସଂପର୍କରେ ସମସ୍ତ ଛାତ୍ରଛାତ୍ରୀ ସଚେତନ ହେଲେ ଦେଶର ସାମୁହିକ ବିକାଶ ହେବ ବୋଲି କହିଥିଲେ। ରାଜ୍ୟ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗର ସ୍ୱତନ୍ତ୍ର କାର୍ଯ୍ୟାଧିକାରୀ ଦେବୀ ପ୍ରସାଦ ବାରିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ବଲପୁର ଆଂଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ କହିଥିଲେ ଯେ ଓଡ଼ିଶାର ଭିନ୍ନକ୍ଷମ ହାର ଜାତୀୟ ସ୍ତରରୁ ଯଥେଷ୍ଟ ଅଧିକ ଥିବାରୁ ଆମକୁ ଅଧିକ ସଚେତନ ହେବାକୁ ପଡ଼ିବ। ରାଜ୍ୟ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗର କମିଶନର ଭାରତୀ ହରିଚନ୍ଦନ ମାନସିକ ସ୍ତରରେ ସମସ୍ତେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ସମ୍ପର୍କରେ ସଚେତନ ହେବାର ଆବଶ୍ୟକତା ଏବଂ ସମ୍ବେଦନଶୀଳତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହାସହିତ ସେ କହିଥିଲେ ଯେ ଯେଉଁ ବ୍ୟକ୍ତି ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିପାରେ ନାହିଁ ସେ ନିଜେ ମାନସିକ ସ୍ତରରେ ଭିନ୍ନକ୍ଷମ ଅଟେ। ତେଣୁ ସଚେତନତା ହିଁ ସକ୍ଷମ ସମାଜ ଗଢ଼ିବାରେ ସହାୟତା କରିବ। ବିଷୟ ବିଶେଷଜ୍ଞ ଭାବରେ ରାମକିଶୋର ଶର୍ମା ଯୋଗଦାନ କରି ଭିନ୍ନକ୍ଷମ ସମ୍ବନ୍ଧରେ ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରର ନିୟମ ପ୍ରଣୟନର ସମ୍ୟକ ଇତିହାସ ତଥା ୨୦୧୬ ଅଧିନିୟମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କ୍ୱିଜ୍ ପ୍ରତିଯୋଗିତା ମଧ୍ୟ ପରିଚାଳନା କରିଥିଲେ। ହୀରାକୁଦ ମହାବିଦ୍ୟାଳୟର ଅଭିଷେକ ସିଂହ ଏବଂ ପ୍ରୀତେଶ କୁମାର ଡାଙ୍ଗୁଆ କ୍ୱିଜ୍ ପ୍ରତିଯୋଗିତାରେ ବିଜେତା ହୋଇ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ନକଲି ଫୋନପେ ପେମେଂଟ ଦେଖାଇ ଟଙ୍କା ହଡ଼ପ: ୨ ଅଭିଯୁକ୍ତ ଗିରଫ, ୪୫ ହଜାର ୪୦୦ ଟଙ୍କା ଠକେଇ ଅଭିଯୋଗ

ଝାରସୁଗୁଡ଼ା,୧୩/୯(ନି/ପ୍ର): ଫୋନପେ ରେ ଟଙ୍କା ପୈଠ ହୋଇଥିବାର ନକଲି ସ୍କ୍ରିନ୍ ଦେଖାଇ ନଗଦ ଟଙ୍କା ଓ ସାମଗ୍ରୀ ହଡ଼ପ କରୁଥିବା ଅଭିଯୋଗରେ ଝାରସୁଗୁଡ଼ା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଝାରସୁଗୁଡ଼ା ଥାନାରେ କେସ୍ ନମ୍ବର ୫୩୨, ତାରିଖ ୧୧.୦୯.୨୦୨୬ରେ ବିଏନ୍‌ଏସ୍‌ର ବିଭିନ୍ନ ଧାରା ସହ ଆଇଟି ଆକ୍ଟର ଧାରା ୬୬-ଡି ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବେଲପାହାଡ଼ ଥାନା ଅନ୍ତର୍ଗତ ଘୁମାଡେରା ଗୌନ୍ତିଆପଡ଼ାର ରଞ୍ଜନ ବାରିକ (୨୯) ଏବଂ ଘୁମାଡେରାର ମହମ୍ମଦ ସାହବାଜ (୩୬)। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଜଣେ ବ୍ୟକ୍ତିଙ୍କ ନିକଟକୁ ଯାଇ ୧୦ ହଜାର ୯୦୦ ଟଙ୍କା ନଗଦ ମାଗିଥିଲେ। ଏହା ବଦଳରେ ଫୋନପେ ମାଧ୍ୟମରେ ସମାନ ରାଶି ପୈଠ କରିବେ ବୋଲି କହିଥିଲେ। ପରେ କ୍ୟୁଆର୍ କୋଡ୍ ସ୍କାନ୍ କରି ଏକ ନକଲି 'ପେମେଂଟ ସକ୍ସେସ୍‌ଫୁଲ୍' ସ୍କ୍ରିନ୍ ଦେଖାଇଥିଲେ। ପେମେଂଟ ହୋଇଥିବା ବିଶ୍ୱାସ କରି ପୀଡ଼ିତ ନଗଦ ଟଙ୍କା ଦେଇଥିଲେ। ତେବେ ପରେ ତାଙ୍କ ବ୍ୟାଙ୍କ ଆକାଉଂଟରେ କୌଣସି ଟଙ୍କା ଜମା ହୋଇନଥିବା ଜଣାପଡ଼ିଥିଲା। ତଦନ୍ତ ସମୟରେ ଅଭିଯୁକ୍ତମାନେ ଏହିପରି ଅନ୍ୟାନ୍ୟ ଠକେଇରେ ମଧ୍ୟ ସମ୍ପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଛି। ୫ ହଜାର, ୩ ହଜାର ୫ ଶହ, ୭ ହଜାର, ୩ ହଜାର, ୬ ହଜାର ଓ ୧୦ ହଜାର ଟଙ୍କା ସମେତ ବିଭିନ୍ନ ରାଶିର ଠକେଇ ଅଭିଯୋଗ ସାମ୍ନାକୁ ଆସିଥିବା ବେଳେ ମୋଟ ୪୫ ହଜାର ୪୦୦ ଟଙ୍କା ଠକେଇ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ୍ ଏବଂ ଓଆର-୧୫-କେ-୭୨୩୬ ନମ୍ବର ବିଶିଷ୍ଟ ଗୋଟିଏ ବଜାଜ୍ ପ୍ଲାଟିନା ମୋଟରସାଇକେଲ ଜବତ କରିଛି। ଅଭିଯୁକ୍ତମାନେ ଏକ ନକଲି ପେମେଂଟ ଇଂଟରଫେସ୍ ବ୍ୟବହାର କରି ଟଙ୍କା ପୈଠ ସଫଳ ହୋଇଥିବା ଭଳି ସ୍କ୍ରିନ୍ ଦେଖାଉଥିଲେ। ବାସ୍ତବରେ କୌଣସି ଟଙ୍କା ପୈଠ ହେଉନଥିଲା। ନକଲି ପେମେଂଟ ସଫଳତାର ସ୍କ୍ରିନ୍




କିମ୍ବା ପେମେଂଟ ସଫଳ ହୋଇଥିବା ଶବ୍ଦ ଶୁଣି ଦୋକାନୀ ଓ ଲୋକେ ଟଙ୍କା ପାଇଥିବା ଭାବି ନଗଦ ଟଙ୍କା କିମ୍ବା ସାମଗ୍ରୀ ଦେଇଦେଉଥିଲେ। ଏଭଳି ଠକେଇରୁ ସତର୍କ ରହିବାକୁ ଝାରସୁଗୁଡ଼ା ଏସ୍ପି ଦୋକାନୀ ଓ ସାଧାରଣ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। କେବଳ ଗ୍ରାହକଙ୍କ ମୋବାଇଲରେ ଦେଖାଯାଉଥିବା ପେମେଂଟ ସ୍କ୍ରିନ୍ କିମ୍ବା ଶବ୍ଦ ଉପରେ ଭରସା ନକରି ନିଜ ବ୍ୟାଙ୍କ ଆକାଉଂଟ କିମ୍ବା ପ୍ରକୃତ ୟୁପିଆଇ/ମର୍ଚ୍ଚାଂଟ ଆପ୍‌ରେ ଟଙ୍କା ଜମା ହୋଇଛି କି ନାହିଁ ଯାଚଂ କରିବା ପରେ ହିଁ ନଗଦ ଟଙ୍କା କିମ୍ବା ସାମଗ୍ରୀ ଦେବାକୁ କୁହାଯାଇଛି। ଏଥିସହ ଅଜଣା ଲିଙ୍କ୍ କିମ୍ବା ଫାଇଲ୍-ସେୟାରିଂ ପ୍ଲାଟଫର୍ମରୁ ମିଳୁଥିବା ସନ୍ଦେହଜନକ ପେମେଂଟ ଏପିକେ ଇନ୍‌ଷ୍ଟଲ୍ ନକରିବାକୁ ପୁଲିସ ପରାମର୍ଶ ଦେଇଛି। କୌଣସି ସନ୍ଦେହଜନକ ଡିଜିଟାଲ ପେମେଂଟ ଠକେଇର ସମ୍ମୁଖୀନ ହେଲେ ତୁରନ୍ତ ପୁଲିସ କିମ୍ବା ସାଇବର ଅପରାଧ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଅପିଲ କରାଯାଇଛି।

## ଅସ୍ତ୍ର ଦେଖାଇ ରିଲ୍ସ କରିବା ପଡ଼ିଲା ଭାରି ୫ ଯୁବକ ଗିରଫ ୩ ନାବାଳକ ଅଟକ

ଝାରସୁଗୁଡ଼ା,୧୩/୯(ନି/ପ୍ର): ସୋସିଆଲ ମିଡିଆରେ ମାରାତ୍ମକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରି ଭୟ ଓ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ଝାରସୁଗୁଡ଼ା ପୋଲିସ ଅପରେସନ୍ ନେତ୍ର ଅଧୀନରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି। ଇନ୍‌ଷ୍ଟାଗ୍ରାମ୍ ରିଲ୍ସରେ ଖଣ୍ଡା ଓ ଛୁରୀ ଦେଖାଇ ଗୁଣ୍ଡାଗିରି ପ୍ରଦର୍ଶନ କରିବା ସହ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିବା ଅଭିଯୋଗରେ ୫ ଜଣ ଯୁବକଙ୍କୁ ପୋଲିସ ଗିରଫ କରିଥିବା ବେଳେ ୩ ଜଣ ନାବାଳକଙ୍କୁ ଅଟକ ରଖିଛି। ଗୁପ୍ତ ସୂଚନା ଆଧାରରେ ଝାରସୁଗୁଡ଼ା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ରିଲ୍ସରେ ଅସ୍ତ୍ର ପ୍ରଦର୍ଶନ କରୁଥିବା ଯୁବକମାନଙ୍କୁ ଚିହ୍ନଟ କରିଥିଲା। ସେମାନଙ୍କ ନିକଟରୁ ୨ଟି ଧାରୁଆ ଛୁରୀ ଏବଂ ଭିଡିଓ ରେକର୍ଡିଂ ପାଇଁ ବ୍ୟବହୃତ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଗିରଫ ଯୁବକମାନେ ହେଲେ ସାଗର ଭଇଁସା (୨୨), ସୁଭମ ଛଂଚାଣ (୨୧), ବିକାଶ ଭଇଁସା (୨୪), ବିକାଶ ପ୍ରଧାନ (୨୧) ଓ ସମୀର ସୋରେଙ୍ଗ (୨୨)। ଅନ୍ୟ ୩ ଜଣ ନାବାଳକଙ୍କୁ ଝାରସୁଗୁଡ଼ା ଟାଉନ୍ ଥାନାରେ ଅଟକ ରଖାଯାଇଛି। ଏହି ଘଟଣାରେ ଝାରସୁଗୁଡ଼ା ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ଆର୍ମସ୍ ଆକ୍ଟର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି, ସୋସିଆଲ ମିଡିଆ ପ୍ରତିଭା ପ୍ରଦର୍ଶନର ଏକ ମାଧ୍ୟମ, ଅପରାଧ କିମ୍ବା ମାରାତ୍ମକ ଅସ୍ତ୍ରଶସ୍ତ୍ରର ପ୍ରଚାର ପାଇଁ ନୁହେଁ। ଅପରେସନ୍ ନେତ୍ର ମାଧ୍ୟମରେ ସୋସିଆଲ ମିଡିଆରେ ହେଉଥିବା ଏଭଳି ଗତିବିଧି ଉପରେ ପୋଲିସର କଡ଼ା ନଜର ରହିଛି। ଅନଲାଇନ୍ ହେଉ କି ଅଫଲାଇନ୍, ଶାନ୍ତିଭଙ୍ଗ କିମ୍ବା ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଭଳି ଅସ୍ତ୍ର ପ୍ରଦର୍ଶନ କରୁଥିବା ରିଲ୍ସଠାରୁ ନାବାଳକ, ଯୁବକ ଓ ସାଧାରଣ ଲୋକେ ଦୂରେଇ ରହିବାକୁ ଝାରସୁଗୁଡ଼ା ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ପତ୍ରାପାଲି ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ

ଝାରସୁଗୁଡ଼ା,୧୩/୯(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ପତ୍ରାପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମନାଭ ନାଏକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥି ବୃନ୍ଦ ବିଦ୍ୟାଳୟରେ ଉତମ ପରିବେଶ, ଶାନ୍ତିଶୃଙ୍ଖଳା ଓ ଶିକ୍ଷା ଗ୍ରହଣର ଉତମ ମଧ୍ୟମ ବିଷୟରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱଜିତ୍ ମହାପାତ୍ର ମଂଚାସିନ ଥିଲେ। ଶିକ୍ଷୟତ୍ରୀ ଚିରସ୍ମିତା ସିଂ ମଂଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଅଭିଭାବକ ପ୍ରଫୁଲ୍ଲ କାଲୋ, ଅମର ଚାନ୍ଦ ପଟେଲ, ସୀତାରାମ ନାଏକ ପ୍ରମୁଖ ମଂଚତଳେ ଅତିଥି ଭାବରେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ଶିକ୍ଷକ ଶିକ୍ଷୟତ୍ରୀ ଚିରଞ୍ଜି କୁମାର ଭୋଇ, ଶିବାନନ୍ଦ ନଇ, ସରୋଜ ମହାନ୍ତ, ଅମ୍ରିତା ସାହୁ, ଦିପାରାଣି ବାଗ, ଝାଙ୍କର ମହାନନ୍ଦ, ଚୁମକି ପଧାନ ଓ ନିକିତା ପଧାନ ସହଯୋଗ କରିଥିଲେ।

## କିଷାନ ଛକରୁ ସରବାହାଲ ରାସ୍ତାରେ ବେଆଇନ ଗାଡ଼ି ପାର୍କିଂ ଉପରେ କଟକଣା: ସକାଳ ୯ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କଟକଣା ବଳବତର

ଝାରସୁଗୁଡ଼ା,୧୩/୯(ନି/ପ୍ର):୧୦ ନମ୍ବର ରାଜ୍ୟ ରାଜପଥ ଅନ୍ତର୍ଗତ କିଷାନ ଛକରୁ ସରବାହାଲ ମଧ୍ୟରେ ବେଆଇନ ଭାବେ ଗାଡ଼ି ପାର୍କିଂ କରାଯାଉଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ଭାବେ ବୃଦ୍ଧି ପାଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ମନଇଚ୍ଛା ଗାଡ଼ି ରଖିବା ଯୋଗୁଁ ନିୟମିତ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଦୈନନ୍ଦିନ ଯାତ୍ରୀ, ଜରୁରୀକାଳୀନ ସେବା ଯାନବାହାନ ଫସି ରହୁଛି ଏବଂ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଆର.ଟି.ଏ. ଅଧ୍ୟକ୍ଷ କୁଣାଲ ମୋତିରାମ ଚହ୍ୱାଣ ଏହି ରାସ୍ତା ଉପରେ ଯାନବାହାନ ପାର୍କିଂ ଉପରେ କଡ଼ା କଟକଣା ଜାରି କରିଛନ୍ତି। ମୋଟର ଯାନ ଆଇନ ୧୯୮୮ର ଧାରା ୧୧୫ ଏବଂ ଓଡ଼ିଶା ମୋଟର ଯାନ ନିୟମାବଳୀ ୧୯୯୩ର ଧାରା ୬୩ ଓ ୯୩ ଅନୁଯାୟୀ କିଷାନ ଛକରୁ ସରବାହାଲ (ପୁରୁଣା ରାଜ୍ୟ ରାଜପଥ-୧୦) ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନ ପର୍ଯ୍ୟନ୍ତ ସମସ୍ତ ପ୍ରକାର କାର, ପିକଅପ୍ ଭ୍ୟାନ, ଲଘୁ ଯାନ ଏବଂ ଭାରୀ ଯାନଗୁଡ଼ିକର ବେଆଇନ ପାର୍କିଂକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଛି। ଏହି ନିୟମ ୩୦.୦୯.୨୦୨୬ ରିଖ ପର୍ଯ୍ୟନ୍ତ (ପ୍ରତିଦିନ ସକାଳ ୯ଟାରୁ ରାତି ୧୦ଟା ପର୍ଯ୍ୟନ୍ତ) ଏବଂ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଆଂଚଳିକ ପରିବହନ ଅଧିକାରୀ ଗୌରହରି ହାଁସଦା ସୂଚନା ଦେଇଛନ୍ତି। ନିୟମ ଉଲ୍ଲଘଂନକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

## ଏକାଦଶ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ୧୫ ଦିନ ମଧ୍ୟରେ ରେଢ଼ାଖୋଲ ବ୍ଲଡ୍ ବ୍ୟାଙ୍କ ଖୋଲିବାକୁ ପ୍ରସ୍ତୁତି




ସମ୍ବଲପୁର,୧୩/୯(ନି/ପ୍ର):ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକାଦଶ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ପରିଷଦ ଉପାଧକ୍ଷ ମାଧବ ମିର୍ଦ୍ଧା, ସାଂସଦଙ୍କ ପ୍ରତିନିଧି ନାଉରୀ ନାୟକ, ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ହୀରାଲାଲ ବେହେରା, ରେଙ୍ଗାଲି ବିଧାୟକଙ୍କ ପ୍ରତିନିଧି ଗୋପୀରଞ୍ଜନ ବେହେରା, ଜିଲ୍ଲା ଉନ୍ନୟନ ଅଧିକାରୀ (ସିଡିଓ-କମ୍-ଇଓ) ପ୍ରସନ୍ନ କୁମାର ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ କୃଷି ବିଭାଗର ବିହନ ଯୋଗାଣ, ରାସାୟନିକ ସାର, ପିଏମ୍-କିସାନ, ସିଏମ୍-କିସାନ, ଖରିଫ ଓ ରବି ଚାଷ, ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପ, ଉଦ୍ୟାନ ବିଭାଗର ଅଗ୍ରଗତି ଓ କାର୍ଯ୍ୟକ୍ରମ, ମତ୍ସ୍ୟ ବିଭାଗର ଅଗ୍ରଗତି, ଅତ୍ୟାବଶ୍ୟକ ସାମଗ୍ରୀର ସୁଷମ ବଂଟନ, ସମବାୟ ବିଭାଗର କୃଷି ଋଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପ୍ରାଣୀ ସମ୍ପଦ, ଗ୍ରାମ୍ୟ ନିର୍ମାଣ ବିଭାଗର କାର୍ଯ୍ୟକଳାପ, ଆବାସ ଯୋଜନା ସମେତ ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ଉପରେ ବିଭାଗଓ୍ୱାରୀ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ଗତ ପାଂଚ ବର୍ଷ ଧରି ଜିଲ୍ଲାର ୩୮ଟି ପଚାଂୟତରେ ବିକାଶମୂଳକ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବାରେ ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧିମାନଙ୍କ ମିଳିତ ସହଯୋଗ ପ୍ରଶଂସନୀୟ ରହିଥିବା ପ୍ରକାଶ କରିଥିଲେ। ଏହି ଅବସରରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରତିନିଧି ହୀରାଲାଲ ବେହେରା ରେଢ଼ାଖୋଲ ବ୍ଲଡ୍ ବ୍ୟାଙ୍କକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏସମ୍ପର୍କରେ ଜିଲ୍ଲାପାଳ ଉକ୍ତର ରଖି ଆଗାମୀ ୧୫ ଦିନ ମଧ୍ୟରେ ବ୍ଲଡ୍ ବ୍ୟାଙ୍କ ଖୋଲିବା ପାଇଁ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ଚାଲୁ ରହିଥିବା ସୂଚନା ଦେଇଥିଲେ।

## ବର୍ଷାରେ ଦୁଇ କାର୍ ଦୁର୍ଘଟଣା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ମାଲକାନଗିରି,୧୩/୯(ନି/ପ୍ର): ଲଗାଣ ବର୍ଷା ମଧ୍ୟରେ ଜିଲ୍ଲାର ଦୁଇଟି ଭିନ୍ନ ସ୍ଥାନରେ ଦୁଇ କାର୍ ଦୁର୍ଘଟଣା ଘଟିଛି। ସିନ୍ଧ୍ରିମାଳ ନିକଟରେ ଏକ ସ୍ୱିଫ୍ଟ ଡିଜାୟାର୍କୁ ଟ୍ରକ୍ ଧକ୍କା ଦେଇ ଚମ୍ପଟ ମାରିଥିଲା। କାରରେ ଥିବା ଦୁଇ ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଗାଡ଼ିଟି ଭାରି କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ, ମାଲକାନଗିରି-ଜୟପୁର ରାସ୍ତାରେ ଏକ ଟାଟା ସିଏରା ଭାରସାମ୍ୟ ହରାଇ ଗଛରେ ଧକ୍କା ଦେଇଥିଲା। କାର୍ଟି ଭାଙ୍ଗି ଚୁରମାର୍ ହୋଇଥିଲେ ମଧ୍ୟ ଯାତ୍ରୀମାନେ ସୁରକ୍ଷିତ ରହିଛନ୍ତି। ବର୍ଷା ସମୟରେ ଯାନବାହନ ଚଳାଚଳ ବେଳେ ସତର୍କତା ଓ ନିୟନ୍ତ୍ରିତ ବେଗ ଅବଲମ୍ବନ ପାଇଁ ସଚେତନ ମହଲ ପରାମର୍ଶ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଉଲ୍ଲାସ କାର୍ଯ୍ୟକ୍ରମ ଶୁଭାରମ୍ଭ

ସମ୍ବଲପୁର,୧୩/୯(ନି/ପ୍ର): ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଉପଲକ୍ଷେ ବୁଢ଼ାରଜା ସରକାରୀ ହାଇସ୍କୁଲ ଠାରେ ନବଭାରତ ସାକ୍ଷରତା ଅଭିଯାନ 'ଉଲ୍ଲାସ'ର ଶୁଭାରମ୍ଭ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ଉଲ୍ଲାସ ଅଭିଯାନର ନିର୍ଦ୍ଦେଶକ ତଥା ଏଡିଇଓ ସତ୍ୟବ୍ରତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ବରିଷ୍ଠ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥୀ, ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ଗିରିଧାରୀ ହୋତା ମୁଖ୍ୟବକ୍ତା, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ଗୀତାଞ୍ଜଳି ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ ଶିକ୍ଷକ ମୋତିଲାଲ ଦୋରା, ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ, ପୂର୍ବତନ ବିଇଓ ଯଶୋବନ୍ତ ସାହୁ, ଧନକଉଡ଼ା ବିଇଓ ଅଦାନ ସୁନା ସମ୍ମାନିତ ଅତିଥୀ ଭାବରେ ଯୋଗଦେଇ ଥିଲେ। ଏଥିରେ ୨୦୦ଜଣ ନବ ଶିକ୍ଷାର୍ଥୀ, ଶିକ୍ଷକ, ପ୍ରଧାନ ଶିକ୍ଷକ, ସିଆର୍‌ସିସି ଅଂଶଗ୍ରହଣ କରିଥିଲେ। ନିରକ୍ଷରତା ଦୂର କରି ଶିକ୍ଷାର ପ୍ରଦୀପ ଜାଳିବାକୁ ଶପଥ ପାଠ କରିଥିଲେ। ଉଲ୍ଲାସ ପୁସ୍ତକ ବଂଟନ କରିବା ସହ ବୁଢ଼ାରଜା ହାଇସ୍କୁଲର ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ଼ ଧରି ସ୍ଲୋଗାନ ଦେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ଶୋଭାଯାତ୍ରାର ଆୟୋଜନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଧନକଉଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ଭୋଇଙ୍କ ତତ୍ତ୍ୱାବଧାନରେ ସଂପନ୍ନ ହୋଇଥିଲା।

## କାଇଁଶୀର ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୩/୯(ନି/ପ୍ର):ସମ୍ବଲପୁର ସହର ନିକଟବର୍ତ୍ତୀ କାଇଁଶିର୍ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ ଉତ୍ସାହର ସହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରଞ୍ଜିତା ନନ୍ଦଙ୍କ ନେତୃତ୍ୱରେ କାଇଁଶିର୍ ଉଚ୍ଚ ବିଦ୍ୟାଳୟ ଓ ମଧ ଇଂରାଜୀ ବିଦ୍ୟାଳୟର ପରିଚାଳନା କମିଟି ର ସଭାପତି ଓ ଅନ୍ୟ ସଦସ୍ୟ ମାନେ, ଅଭିଭାବକ ଓ ଗ୍ରାମବାସୀ ଏହି ଅଭିଯାନରେ ସାମିଲ ହୋଇଥିଲେ ଓ ଏହିଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ରାଲି, ପଥପ୍ରାନ୍ତ ନାଟକ, ପୁଷ୍କରିଣୀ ଓ ରାସ୍ତାଘାଟ ସଫାସୁତୁରା କରାଯାଇଥିଲା। ପଥପ୍ରାନ୍ତ ନାଟକ ମାଧ୍ୟମରେ ସ୍ୱଚ୍ଛତା, ପରିମଳ, ପ୍ଲାଷ୍ଟିକ ବର୍ଜନ ଓ ପରିବେଶ ସୁରକ୍ଷା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା ଲ ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ୱଚ୍ଛତା ସଚେତନତା ସ୍ଲୋଗାନ ଦେଇ ଲୋକମାନଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରିଥିଲେ। ଶେଷରେ ସମସ୍ତେ ମିଳିତ ଭାବରେ ସ୍ୱଚ୍ଛତା ରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ଧନ୍ୟବାଦ ଜ୍ଞାପନ ଓ ଜାତୀୟ ସଙ୍ଗୀତ ଗାନ ପରେ କାର୍ଯ୍ୟକ୍ରମର ସଫଳ ସମାପନ ହୋଇଥିଲା।






## ୧.୮୫ କୋଟି ଟଙ୍କା ସାଇବର ଠକେଇ ମାମଲାରେ ପୀଡିତଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧ କୋଟି ୧୪ ଲକ୍ଷ ୮୮ ହଜାର ୬୩ ଟଙ୍କା ପୁନଃ ସ୍ଥାପିତ



ସୁନ୍ଦରଗଡ଼,୧୩/୯(ନି/ପ୍ର): ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ଶାଖା ଥାନାରେ, ସୁନ୍ଦରଗଡ଼ର ମେସର୍ସ ଗୋବିନ୍ଦମ୍ ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ସହ ଜଡିତ ଏକ ଅନଲାଇନ୍ ଆର୍ଥିକ ଠକେଇ ମାମଲାରେ, ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରାଯାଇଛି। ଏକ ବ୍ୟବସାୟିକ ଇମେଲ୍ କମ୍ପ୍ରୋମାଇଜ୍ (ଇଉଉ) ଠକେଇ ମାଧ୍ୟମରେ କମ୍ପାନୀକୁ ପ୍ରାୟ ୧.୮୫ କୋଟି ଟଙ୍କା ଠକେଇ କରାଯାଇଥିଲା। ଏ ସମ୍ପର୍କରେ, ସୁନ୍ଦରଗଡ ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ଶାଖାରେ ଏକ ମାମଲା ନଂ - ୦୮/ ୧୭.୦୫.୨୦୨୬ ତାରିଖରେ ଭାରତୀୟ ନ୍ୟାୟ ସଂହିତା (ଇଘଝ) ର ଧାରା ୩୧୮(୨)/୩୧୮(୪) ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ - ୨୦୦୦ର ଧାରା ୬୬(ଉ)/୬୬(ଉ)ରେ ପଞ୍ଜିକୃତ ହୋଇଥିଲା। ତଦନ୍ତ ସମୟରେ, ବିଏନ୍ଏସର ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକୁ ପରବର୍ତ୍ତୀ ସମୟରେ ଯୋଡା ଯାଇଥିଲା। ସାଇବର ଠକମାନେ ଏକ ପ୍ରତାରଣାମୂଳକ ଇମେଲ ମାଧ୍ୟମରେ ଜଣେ ଅଧିକାରପ୍ରାପ୍ତ ବ୍ୟକ୍ତିଙ୍କ ପରିଚୟ ଦେଖାଇ କମ୍ପାନୀକୁ ଏହାର ବ୍ୟାଙ୍କ ଆକାଉଣ୍ଟ ବିବରଣୀ ପରିବର୍ତ୍ତନ କରିବାକୁ ପ୍ରବର୍ତ୍ତାଇଥିଲେ। ଏହାର ଫଳସ୍ୱରୂପ, ଦୁଇଟି ପ୍ରତାରଣାମୂଳକ ଜଞଏଝ କାରବାର ଯାହାର ପରିମାଣ ୬୫,୫୭,୪୩୬ ଟଙ୍କା ଏବଂ ୧,୧୯,୮୮,୦୦୦ ଟଙ୍କା, ମୋଟ ୧,୮୫,୪୫,୪୩୬ ଟଙ୍କା ସନ୍ଦିଗ୍ଧ ହିତାଧିକାରୀଙ୍କ ଆକାଉ[କୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ପକ୍ଷରୁ ତଦନ୍ତ ସମୟରେ ୧,୧୪,୮୮,୦୬୩ ଟଙ୍କା ଚିହ୍ନଟ କରାଯାଇଥିଲା ଏବଂ ସମ୍ପୃକ୍ତ ବ୍ୟାଙ୍କ ଆକାଉଣ୍ଟରେ ରଖାଯାଇଥିଲା। ସୁନ୍ଦରଗଡ଼ର ଝଉଔଗ ଦ୍ୱାରା ପାସ୍ କରାଯାଇଥିବା ନିର୍ଦ୍ଦେଶ ଆଧାରରେ। ମାମଲା ନଂ ୧୩୯/୨୦୨୬ ତାରିଖ ୧୪.୦୮.୨୦୨୬, ଏବଂ ଆବଶ୍ୟକୀୟ ଔପଚାରିକତା ଶେଷ ହେବା ପରେ, ଉକ୍ତ ରାଶି ପୀଡିତ କମ୍ପାନୀର ବ୍ୟାଙ୍କ ଆକାଉଣ୍ଟରେ ପୁନଃସ୍ଥାପିତ କରାଯାଇଛି। ପୋଲିସର ତଦନ୍ତରୁ ଜଣାପଡିଥିଲା, ଉନ୍ନରପ୍ରଦେଶର ହାପୁର ଜିଲ୍ଲାରୁ ଅଭିଯୁକ୍ତ କୁବୈର ଓରଫ୍ ଜିବୈର ଓରଫ୍ କୁବୈର ଖାନ୍ (୨୬) ବର୍ଷ ସମ୍ପୃକ୍ତ ଥିବା ଜଣାପଡିଥିଲା। ଅଭିଯୁକ୍ତକୁ ୦୯.୯.୨୦୨୬ରେ ଉତର ପ୍ରଦେଶ ପୋଲିସର ସହାୟତାରେ ଗିରଫ କରାଯାଇଥିଲା। ଅପରେସନ ସମୟରେ, ଦୁଇଟି ମୋବାଇଲ ଫୋନ୍ ସହିତ ସିମ୍ କାର୍ଡ ସହିତ ଅନ୍ୟାନ୍ୟ ପ୍ରାସଙ୍ଗିକ କାଗଜପତ୍ର ଜବତ କରାଯାଇଥିଲା। ଅଭିଯୁକ୍ତକୁ ଉତର ପ୍ରଦେଶର କୋର୍ଟରେ ହାଜର କରାଯାଇଥିଲା ଏବଂ ଟ୍ରାଞ୍ଜିଟ୍ ରିମାଣ୍ଡ ନିଆଯାଇଥିଲା। ଅଭିଯୁକ୍ତଙ୍କୁ ୧୨.୦୯.୨୦୨୬ ତାରିଖରେ ସୁନ୍ଦରଗଡ଼କୁ ଅଣାଯାଇଥିଲା। ତାଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇଥିଲା ଏବଂ ବିଚାର ବିଭାଗୀୟ ହେପାଜତ ପାଇଁ ସୁନ୍ଦରଗଡ଼ର ଏସଡିଜେଏମଙ୍କ ସମ୍ମୁଖରେ ହାଜର କରାଯାଇଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟାନ୍ୟ ସହଯୋଗୀମାନଙ୍କୁ ଚିହ୍ନଟ ଏବଂ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ରାଉରକେଲା ତରକେରା ମନ୍ଦିରରେ ଶ୍ରୀଗଣେଶ, ଶ୍ରୀରାଧା, ଶ୍ରୀକୃଷ୍ଣ, ଶ୍ରୀନନ୍ଦୀଙ୍କ ମୂର୍ତ୍ତି ସ୍ଥାପିତ




ରାଉରକେଲା,୧୩/୯(ନି/ପ୍ର): ତରକେରା ଦେଓଗାଁ ଧବଳେଶ୍ୱର ଶିବ ମନ୍ଦିର ପରିସରରେ, ଆଜି ଶ୍ରୀଗଣେଶଙ୍କ ଭଙ୍ଗା ମୂର୍ତ୍ତିକୁ ବାହାର କରାଯାଇଥିଲା ଏବଂ ପ୍ରତିବଦଳରେ ଶ୍ରୀଗଣେଶଙ୍କ ଏକ ନୂତନ ମୂର୍ତ୍ତି ସ୍ଥାପନ କରାଯାଇଥିଲା ଏଥିସହିତ ଶ୍ରୀରାଧାକୃଷ୍ଣ ଏବଂ ନନ୍ଦୀଙ୍କ ମୂର୍ତ୍ତି ମଧ୍ୟ ସ୍ଥାପନ କରାଯାଇଥିଲ। ମୂର୍ତ୍ତିଗୁଡ଼ିକ ସ୍ଥାପନ ପାଇଁ ସକାଳେ ମନ୍ଦିର ପରିସରରେ ପୂଜା ଏବଂ ହୋମଯଜ୍ଞ କରାଯାଇଥିଲା। ଏହି ଅବସରରେ, ମନ୍ଦିରର ମୁଖ୍ୟ ପୂଜକ ବିରଚିଂ ଦେହୁରୀ, ଜଗନ୍ନାଥ ଦେହୁରୀ, ଜୟଦେବ ଦାସ, ପ୍ରକାଶ କୁମାର ପାଦ, ଶୁଭମ ମିଶ୍ର, ସୁରେନ୍ଦ୍ର ତ୍ରିବେଦୀ ରୀତିନୀତି ଅନୁସାରେ ପୂଜା କରିଥିଲେ। ମୁଖ୍ୟ ଆବାହକ ଭାବରେ, ମନ୍ଦିରର ପ୍ରତିଷ୍ଠିତ ସଦସ୍ୟ ରବି ଦେହୁରୀ ତାଙ୍କ ପତ୍ନୀଙ୍କ ସହିତ ଉପସ୍ଥିତ ଥିଲେ। ପୂଜା ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଏହା ପରେ, ମନ୍ଦିର ପରିସରରେ ଶ୍ରୀଗଣେଶଙ୍କ ନବନିର୍ମିତ ମୂର୍ତ୍ତି ଏବଂ ଅନ୍ୟାନ୍ୟ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ମନ୍ଦିର ପରିସରରେ ବହୁ ସଂଖ୍ୟକ ଭକ୍ତଙ୍କୁ ଦେଖିବାକୁ ମିଳିଥିଲା। ଏହା ପରେ, ମନ୍ଦିରରେ ଏହି ଅବସରରେ ଏକ ଭୋଜିର ଆୟୋଜନ କରାଯାଇଥିଲା। କମିଟିର ଅଧିକାରୀ ଅନିରୁଦ୍ଧ ସୱାଇ, ଅରବିନ୍ଦ ଜୟଦେବ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଆଜି ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ବିଜେପି ରାଉରକେଲା ସାଙ୍ଗଠନିକ ଜିଲ୍ଲା ତରଫରୁ ସେବା ସଂକଳ୍ପ ଅଭିଯାନ



ରାଉରକେଲା,୧୩/୯(ନି/ପ୍ର): ବିଜେପି ରାଉରକେଲା ସାଙ୍ଗଠନିକ ଜିଲ୍ଲା ତରଫରୁ ଆଜି ରାଉରକେଲାର ସେକ୍ଟର -୭ ସ୍ଥିତ ପ୍ରଜାପତି ମଣ୍ଡପ ପରିସରରେ ସେବା ସଂକଳ୍ପ ଅଭିଯାନ:- ସେବାରୁ ସଂକଳ୍ପ, ସଂକଳ୍ପରୁ ବିକଶିତ ଓଡିଶା, ବିଷୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ମାନ୍ୟବରବିଧାୟକ ଶ୍ରୀଯୁକ୍ତ ଦୁର୍ଗା ଚରଣ ତନ୍ତୀ ସୂଚନା ଦେଇ କହିଲେଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ମାସେ ଧରି ଚାଲିବ ଏହି ଅଭିଯାନ। ଏହି ଅଭିଯାନକୁ କେବଳ ଦଳୀୟ କାର୍ଯ୍ୟକ୍ରମ ଭାବେ ନୁହେଁ, ବରଂ ଜନସେବା, ଜନଭାଗିଦାରୀ ଓ ସାମାଜିକ ଦାୟିତ୍ୱର ଏକ ବ୍ୟାପକ ଅଭିଯାନ ଭାବେ ପାଳନ କରାଯିବ ସେବା ସଂକଳ୍ପର ବାର୍ତ୍ତା ତଳ ସ୍ତରରେ ପହଂଚାଇବା ପାଇଁ ସମସ୍ତଙ୍କ ସହଯୋଗ ଏକାନ୍ତ ଆବଶ୍ୟକ କ୍ଷ ବିଶ୍ୱର ଅଦ୍ୱିତୀୟ ନେତା ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ଜନସେବା ଏବଂ ସମର୍ପଣର ୨୫ ବର୍ଷ ପୂରଣ କରିବେ। ୨୦୦୧ ମସିହା ଅକ୍ଟୋବର ୭ ତାରିଖରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ସେ ନିଜର କାର୍ଯ୍ୟକାଳ ଆରମ୍ଭ କରିଥିଲେ ଏବଂ ବିଗତ ୨୫ ବର୍ଷ ମଧ୍ୟରେ ସେ ଜନସେବାକୁ ରାଷ୍ଟ୍ରସେବାରେ ରୂପାନ୍ତରିତ କରିବାର ନୀତି ଦ୍ୱାରା ପରିଚାଳିତ ହୋଇ ନିଜର ସେବା ଯାତ୍ରାକୁ କ୍ରମାଗତଭାବରେ ଆଗେଇ ନେଇଛନ୍ତି। ଏହି ଯାତ୍ରା କେବଳ ଗୋଟେ ସାଧାରଣ ଯାତ୍ରା ନୁହେଁ, ଏହା ସଂଘର୍ଷ ଯାତ୍ରା, ଏ ଯାତ୍ରା ଲୋକମାନଙ୍କ ପାଇଁ ସେବାର ଯାତ୍ରା, ଏ ଯାତ୍ରା ଗୋଟେ ସଂକଳ୍ପର ଯାତ୍ରା, ଏ ଯାତ୍ରା ନିରନ୍ତର ୨୫ ବର୍ଷ ଧରି ଆତ୍ମବିଶ୍ୱାସର ଯାତ୍ରା। ମୋଦୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ, ନିରନ୍ତର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ପ୍ରେରଣା ଭାବେ ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆୟୋଜନ କରାଯାଉଛି। ଓଡ଼ିଶାରେ ମଧ୍ୟ ଏହି ଅଭିଯାନକୁ କେବଳ ଦଳୀୟ କାର୍ଯ୍ୟକ୍ରମ ଭାବେ ନୁହେଁ, ବରଂ ଜନସେବା, ଜନଭାଗିଦାରୀ ଓ ସାମାଜିକ ଦାୟିତ୍ୱର ଏକ ବ୍ୟାପକ ଅଭିଯାନ ଭାବେ ପାଳନ କରାଯିବ। ରାଜ୍ୟର ସମସ୍ତ ସାଂଗଠନିକ ଜିଲ୍ଲା, ମଣ୍ଡଳ ଓ ବୁଥ୍ ସ୍ତର ପର୍ଯ୍ୟନ୍ତ ଅଭିଯାନକୁ ନିଆଯିବ। ଯୁବକ, ମହିଳା, ଛାତ୍ରଛାତ୍ରୀ, ଚାଷୀ, ଗରିବ ଓ ବଂଚିତ ବର୍ଗଙ୍କୁ ଏଥିରେ ସାମିଲ କରାଯିବ। ଓଡ଼ିଶାରେ ବିଜେପି ସରକାର ଜନସେବା ଓ ବିକାଶକୁ ପ୍ରାଥମିକତା ଦେଇ ଆଗକୁ ବଢୁଛି। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ରାଜ୍ୟ ସରକାରଙ୍କ ବିକାଶମୂଳକ ପଦକ୍ଷେପର ଲାଭ ଯେପରି ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଁଚିବେ, ଏଥିପାଇଁ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଜନସମ୍ପର୍କ ଓ ସେବା କାର୍ଯ୍ୟକୁ ଆହୁରି ଗତିଶୀଳ କରିବେ। ବିଶେଷକରି ଜନଜାତି ସମାଜ, ମହିଳା, ଯୁବକ, ଚାଷୀ, ଗରିବ ଓ ବଂଚିତ ବର୍ଗଙ୍କ ନିକଟରେ ପହଂଚି ସେମାନଙ୍କ ଆବଶ୍ୟକତା ଓ ସମସ୍ୟା ଶୁଣିବା ସହିତ ଯଥାସମ୍ଭବ ସହଯୋଗ କରାଯିବ। ସ୍ଥାନୀୟ ଲୋକଙ୍କର ମନ ଭିତରେ ବିଶ୍ୱାସ ତିଆରି କରିବା ପାଇଁ 'ଭୋକାଲ ଫର ଲୋକାଲ'ଉପରେ ଗୁରୁତ୍ୱ ଦିଆଯାଉଛି। ମୋଦିଜୀଙ୍କ ତାଙ୍କ 'ମନ କି ବାତ' କାର୍ଯ୍ୟକ୍ରମ ଜରିଆରେ ସାଧାରଣଲୋକଙ୍କ ଅସାଧାରଣ କାର୍ଯ୍ୟକୁ ଲୋକଲୋଚନକୁ ଆଣିବାକୁ ଉଦ୍ୟମ କରୁଛନ୍ତି। ସେବା ସଂକଳ୍ପର ବାର୍ତ୍ତକୁ ତଳ ସ୍ତରରେ ପହଂଚାଇବା ପାଇଁ ଗଣମାଧ୍ୟମର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ରାଜ୍ୟ ମୁଖପାତ୍ର ଧିରେନ ସେନାପତି କାର୍ଯ୍ୟକ୍ରମର ସୁଚିକୁ ଉପସ୍ଥାପନ କରି କହିଲେ ଯେ 'ସେବା ସଂକଳ୍ପ ଅଭିଯାନ' ର ୧୩ଟି କାର୍ଯ୍ୟକ୍ରମ ମାଧ୍ୟମରେ 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ନିଆଯିବ। ଏହି କାର୍ଯ୍ୟକ୍ରମ ଗୁଡ଼ିକ ହେଲା ଆଶୀର୍ବାଦର ଦ୍ୱୀପ, ମୋ ସ୍ୱପ୍ନର ଭାରତ – ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ନମୋ ସେବା ନାଟକ ପ୍ରଦର୍ଶନ, ଆଙ୍ଗନ ମିଳନ ସେବା କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କ ସାର୍ବଜନୀନ ଅଭିନନ୍ଦନ। ସୋସିଆଲ ସେବାର ସୋସିଆଲ ମିଡିଆରେ ପୋଷ୍ଟ, ସେବା ଜ୍ୟୋତି କଳସ ଯାତ୍ରା, ଗ୍ରାମାଚଂଳ ଓ ସହରାଚଂଳରେ 'ବିକଶିତ ଭାରତ ୨୦୪୭, ସଂକଳ୍ପ ଯାତ୍ରା। ସେବାରେ ମୋର ଯୋଗଦାନ ଓ ଜନଭାଗୀଦାରୀ, ସେବା ସେତୁ ଅଭିଯାନ, ରଙ୍ଗୋଲୀ ରାଷ୍ଟ୍ର - ରଙ୍ଗୋଲୀ ମାଧ୍ୟମରେ ଜନକଲ୍ୟାଣକାରୀ ଯୋଜନା ଓ ରାଷ୍ଟ୍ରୀୟ ପ୍ରତୀକ ପ୍ରଦର୍ଶନ, ଓ୍ୱାଡନଗର ବାରାଣସୀ ସେବା ଯାତ୍ରା, ସେବା ଫାଷ୍ଟ ଇନୋଭେସନ, ସୁଶାସନ ସେବା ସଂବାଦ ଅକ୍ଟୋବର ୨୦୨୬ରେ ଦେଶର ୪ଟି ପ୍ରମୁଖ ସହରରେ ସରପଚଂ ଓ ଜନପ୍ରତିନିଧିଙ୍କୁ ନେଇ ଭବ୍ୟ ସଂବାଦ, ରକ୍ତଦାନ ଶିବିର, ସ୍ୱଚ୍ଛତା ଅଭିଯାନ, ସାମାଜିକ ସେବା ପ୍ରଭୃତି କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ପରିଚାଳନା କରିଥିବା ବେଳେ ଜିଲ୍ଲା ଟୋଲିର ବିବିଧ କାର୍ଯ୍ୟକ୍ରମର ପ୍ରମୁଖ ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜିତ୍ ନାୟକ, ଜିଲ୍ଲା ଉପସଭାପତି ସତ୍ୟପ୍ରିୟ ସାହୁ, ଜିଲ୍ଲା ସମ୍ପାଦକ ସନ୍ତୋଷ ବିରାଟ, ଜିଲ୍ଲା ସମ୍ପାଦିକା ନମ୍ରତା ବାଗ, ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ମିଶ୍ର ଓ ଅକ୍ଷୟ କୁମାର ଦାଶ, ଭବାନୀ ମହାପାତ୍ର ଆଦି ଉପସ୍ଥିତ ଥିଲେ।

## ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଶିବିର



ରାଉରକେଲା,୧୩/୯(ନି/ପ୍ର): ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଠିକଟା ବ୍ଲକ ଜଲଦା ପଂଚାୟତର ସି ବ୍ଲକ ସ୍ଥିତ ପଚାଂୟତ କାର୍ଯ୍ୟାଳୟ ପରିସରରେ ରଘୁନାଥପାଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଦୁର୍ଗାଚରଣ ତନ୍ତୀଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଏକ ଅଭିଯୋଗ ଶୁଣାଣି ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ସ୍ୱୟଂ ବିଧାୟକ ଶ୍ରୀ ତନ୍ତୀ ଉପସ୍ଥିତ ରହି ଲୋକଙ୍କର ପ୍ରାୟ ୮୫ଟି ଅଭିଯୋଗର ଶୁଣାଣି କରିଥିଲେ। ଦ୍ୱିତୀୟ ଶନିବାର ସରକାରୀ ଛୁଟିଦିବସ ଥିବା ସତ୍ତ୍ୱେ ଲାଠିକଟା ବିଡିଓ ମାନସ ରଞ୍ଜନ ସାହୁଙ୍କ ସମେତ ଆର ଡ଼ବ୍ଲୁ ଏସ ଏସ, ସ୍ୱାସ୍ଥ୍ୟ ଏବଂ ବିଦ୍ୟୁତ ବିଭାଗ ସମେତ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା ସହିତ ସେହିଠାରେ ହିଁ ଏହାର ସମାଧାନ ମଧ୍ୟ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଲୋକଙ୍କ ପାଖରେ ପହଚିଂ ସେମାନଙ୍କ ସମସ୍ୟାକୁ ଶୁଣି ଉକ୍ତ ସମସ୍ୟାର ତୁରନ୍ତ ସମାଧାନ କରିବା ଉଦ୍ଦେଶ୍ୟ ନେଇ ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଚଂଳରେ ଥିବା ପ୍ରତ୍ୟେକ ପଚାଂୟତରେ ବିଧାୟକ ଶ୍ରୀ ତନ୍ତୀଙ୍କ ପରାମର୍ଶ କ୍ରମେ ଏଭଳି ଶିବିରର ଆୟୋଜନ କରାଯାଉଛି। ଏହିକ୍ରମରେ ଜଲଦା ପଚାଂୟତରେ ୫ମ ଶିବିର ଆୟୋଜନ କରାଯାଇଛି। ଏହା ପୂର୍ବରୁ ରାମଯୋଡି, ଲାଠିକଟା, ସୁଇଡ଼ିହି, ମୁଣ୍ଡାଜୋର ଆଦି ଗ୍ରାମ ପଚାଂୟତରେ ଏଭଳି ଅଭିଯୋଗ ଶୁଣାଣି ଶିବିରମାନ ଆୟୋଜନ ହୋଇସାରିଛି। ଏଭଳି ଅଭିଯୋଗ ଶୁଣାଣି ଶିବିର ପ୍ରଥମଥର ପାଇଁ ପଚାଂୟତ ସ୍ତରରେ ଆୟୋଜନ କରାଯାଇଥିବାରୁ ଏବଂ ଶିବିରରେ ହିଁ ଲୋକଙ୍କ ଅନେକ ସମସ୍ୟାର ସମାଧାନ ହୋଇ ଯାଉଥିବାରୁ ଶିବିର ନିୟମିତ ଆୟୋଜନ କରାଯାଉ ବୋଲି ଅଂଚଳବାସୀମାନେ ବିଧାୟକ ଶ୍ରୀ ତନ୍ତୀଙ୍କ ନିକଟରେ ଦାବିଉପସ୍ଥାପନ କରିବା ସହିତ ଏଭଳି ଆୟୋଜନ ପାଇଁ ସେମାନେ ବିଧାୟକଙ୍କୁ ଧନ୍ୟବାଦ ମଧ୍ୟ ଦେଇଛନ୍ତି।

## ୧୭ରୁ ବିଜେପି ପକ୍ଷରୁ ସେବା ସଂକଳ୍ପ ଅଭିଯାନ

କେନ୍ଦ୍ରାପଡ଼ା,୧୩/୯(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ପକ୍ଷରୁ ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଦୀର୍ଘ ୧ ମାସ ଧରି ସେବା ସଂକଳ୍ପ ଅଭିଯାନର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ଓ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ବିସ୍ତୃତ ଭାବେ କାର୍ଯ୍ୟକ୍ରମଗୁଡ଼ିକର ସୂଚନା ଦେଇଛନ୍ତି।

## ରାଉରକେଲା ପାନପୋଷ ତାଲୁକ ଲିଗାଲ୍ ସର୍ଭିସେସ୍ କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ



ରାଉରକେଲା,୧୩/୯(ନି/ପ୍ର): ରାଉରକେଲା ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ କୋର୍ଟ ପରିସରରେ ପାନପୋଷ ତାଲୁକ ଲିଗାଲ୍ ସର୍ଭିସେସ୍ କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମୁଦାୟ ୩୯୯ଟି ମାମଲାର ସମାଧାନ କରାଯିବା ସହିତ ୮,୯୬, ୬୯,୫୭୪/- (ଆଠ କୋଟି ଛୟାନବେ ଲକ୍ଷ ଅଣସ୍ତରି ହଜାର ପାଚଂ ଶହ ଚଉସ୍ତରି) ଟଙ୍କା ଆଦାୟ କରାଯାଇଥିଲା। ସେଥିମଧ୍ୟରେ ୫୯ଟି ଏମ୍ଏସିଟି କେସ୍ ରହିଥିଲା ବେଳେ ୨ଟି କ୍ରିମିନାଲ କମ୍ପାଉଣ୍ଡେବୁଲ କେସ୍, ୩୭ଟି ଅଣ୍ଡର ସେକ୍ସନ୍ ୧୩୮ ଅଧୀନରେ ଏନ୍ଆଇ ଆକ୍ଟ କେସ୍, ୩ଟି ରିକଭରି କେସ୍, ୧୩ଟି ବୈବାହିକ ବିଚ୍ଛେଦ କେସ୍, ୨୭୦ଟି ଅନ୍ୟାନ୍ୟ କ୍ରିମିନାଲ କେସ୍ ଏବଂ ୧୫ଟି କମର୍ସିଆଲ ବା ବାଣିଜ୍ୟିକ କେସ୍ ରହିଥିଲା। ଏମ୍ଏସିଟି ମାମଲାରେ ୬,୧୮,୪୮,୭୫୩ ଟଙ୍କା ଆଦାୟ କରାଯାଇଥିଲା ବେଳେ ଏନ୍ଆଇ ଆକ୍ଟରେ ୨୮,୪୩, ୧୦୫ ଟଙ୍କା, ରିକଭରି କେସରେ ୮୩,୨୭,୨୫୯ ଟଙ୍କା ଏବଂ କମର୍ସିଆଲ କେସରେ ୧,୬୬,୫୦, ୪୫୭ ଟଙ୍କା ଆଦାୟ କରାଯାଇଥିଲା। ରାଷ୍ଟ୍ରୀୟ ଲୋକ ଅଦାଲତରେ ଫେମିଲି କୋର୍ଟ ଜଜ୍ ଲିଲି ସେନାପତି, ଏମ୍ଏସିଟି -୩ ପ୍ରଥମ ଏଡିଜେ ଏମ୍ ଆର୍ ଶତପଥୀ, ଏମ୍ଏସିଟି - ୫ ଦ୍ୱିତୀୟ ଏଡିଜେ ଶ୍ରୀମତୀ ରଞ୍ଜିତା ଜ୍ୟୋତିଷ, ସିଜେ ମୋନାଲିସା ପଟ୍ଟନାୟକ, ସିଜେ ଅଭିଜିତ୍ କୁମାର ପୁରୋହିତ, ପାନପୋଷ ଏସଡିଜେଏମ୍ ପରଭିନ୍ ମଣ୍ଡଳ, ଜେଏମ୍ଏଫସି ଅମିତ କୁମାର ବେହେରା, ଜେଏମ୍ଏଫସି ଶ୍ରୀମତୀ ଶର୍ମିଷ୍ଠା, ଆଡିସିନାଲ ସିଜେଏମ୍ ସ୍ୱନ୍ଦନ ପଟ୍ଟନାୟକ ଏବଂ ଜେଏମ୍ଏଫସି ନାଦିଆ ଫଜଲ ଜଜ୍ ରହିଥିଲେ। ଆଡଭୋକେଟ୍ ଥିଲେ ଗିରିଶ୍ ଚନ୍ଦ୍ର ମହାପାତ୍ର, ଅମୂଲ୍ୟ ମହାପାତ୍ର, ନିର୍ମଳ ସ୍ୱାଇଁ, ଏ ବି ଷଡଙ୍ଗୀ, ବି ଏନ୍ ପଡିହାରୀ, ସୁରେଶ ଦାସ, ସନ୍ତୋଷ ନାୟକ, ମନୋଜ ପଟ୍ଟନାୟକ, ପାଣ୍ଡବ ଚନ୍ଦ୍ର ପାତ୍ର, ଏସ୍ କେ ବାରିକ୍ ପ୍ରମୁଖ ମାମଲା ଲଢୁଥିଲେ।

## ଆରଏସପିର ଇ ଆର ଡବ୍ଲୁପାଇପ୍ ପ୍ଲାଂଟ ୟୁନିଟ୍ ହାସଲ କଲା ନୂଆ ମାଇଲଖୁଂଟ



ରାଉରକେଲା,୧୩/୯(ନି/ପ୍ର): ସେଲ୍ର ରାଉରକେଲା ଇସ୍ପାତ କାରଖାନା (ଆରଏସ୍ପି)ର ଇ ଆର ଡବ୍ଲ୍ୟୁ (ଇଲେକ୍ଟ୍ରିକ୍ ରେଜିଷ୍ଟାନ୍ସ ଓ୍ୱେଲଡେଡ୍) ପାଇପ୍ ପ୍ଲାଂଟ ପାଇପ୍ ଉତ୍ପାଦନ କ୍ଷେତ୍ରରେ ଏକ ନୂଆ ମାଇଲଖୁଂଟ ସ୍ଥାପନ କରିଛି। ବିଭାଗ ଗତ ଅଗଷ୍ଟ ମାସରେ ୨୦,୦୦୦ ଟନ୍ରୁ ଅଧିକ ପାଇପ୍ ଉତ୍ପାଦନ କରି ନୂଆ ରେକର୍ଡ ସୃଷ୍ଟି କରିଛି। ଏହା ସହିତ ୨୦୨୬-୨୭ ଆର୍ଥିକ ବର୍ଷର ଏପ୍ରିଲ୍ରୁ ଅଗଷ୍ଟ ମଧ୍ୟରେ ଗତବର୍ଷର ସମାନ ଅବଧି ତୁଳନାରେ ପ୍ରାୟ ୩୧ ପ୍ରତିଶତ ଅଭିବୃଦ୍ଧି ମଧ୍ୟ ହାସଲ କରିଛି। ସେଲ୍ର ଏକମାତ୍ର ପାଇପ୍ ଉତ୍ପାଦନକାରୀ ୟୁନିଟ୍ ଭାବେ ଉଭୟ ବି ଟୁ ବି (ବ୍ୟବସାୟରୁ ବ୍ୟବସାୟ) ଏବଂ ବି ଟୁ ଜି (ବ୍ୟବସାୟରୁ ସରକାର) କ୍ଷେତ୍ରର ଚାହିଦା ପୂରଣ କରୁଥିବା ଆରଏସ୍ପିର ଏହି ପ୍ରଦର୍ଶନ ପରିଚାଳନାଗତ ଉତ୍କର୍ଷ, ଦକ୍ଷତା ଏବଂ ଗ୍ରାହକକେନ୍ଦ୍ରିକ ନବସୃଜନ ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଇ ଆର ଡବ୍ଲ୍ୟୁ ପାଇପ୍ ପ୍ଲାଂଟ ଅତିରିକ୍ତ ଭାବେ ସ୍ୱତନ୍ତ୍ର ଗ୍ରେଡ୍ର ପାଇପ୍ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ନିଜର ମୂଲ୍ୟ ପ୍ରସ୍ତାବକୁ ଆହୁରି ସୁଦୃଢ଼ କରିଛି। କଠୋର ଏ ପି ଆଇ ମାନଦଣ୍ଡ ପାଳନ ଏବଂ ଅଧିକ ବ୍ୟାସ ରୁ ମୋଟେଇ ଅନୁପାତ ଥିବା ପାଇପ୍ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ଗ୍ରାହକଙ୍କ ପାଇଁ ଅଧିକ ଉପଯୋଗିତା ଓ ମୂଲ୍ୟ ସୃଷ୍ଟି କରିବା ସହ କମ୍ପାନୀର ରାଜସ୍ୱ ଏବଂ ବଜାର ସ୍ଥିତିକୁ ମଧ୍ୟ ସୁଦୃଢ଼ କରୁଛି। ଏହି ବୈଷୟିକ ସାମର୍ଥ୍ୟର ଏକ ଉଲ୍ଲେଖନୀୟ ଉଦାହରଣ ଭାବେ ଇ ଆର ଡବ୍ଲ୍ୟୁ ପ୍ଲାଂଟରେ ବର୍ତ୍ତମାନ ୮.୨ କିଲୋମିଟର ଲମ୍ବ, ୧୪ ଇଚଂ ବ୍ୟାସ ଏବଂ ୮ ମିମି ମୋଟେଇ ବିଶିଷ୍ଟ ଏ ପି ଆଇ ଏକ୍ସ ୫୨ ଗ୍ରେଡ୍ ପାଇପ୍ର ଏକ ଅର୍ଡର ପ୍ରକ୍ରିୟାଧୀନ ରହିଛି। ଗୁଣବତାରେ କୌଣସି ସାଲିସ୍ ନକରି କଠିନ ବୈଷୟିକ ମାନଦଣ୍ଡ ପୂରଣ କରିବାରେ ଆରଏସ୍ପିର କ୍ଷମତାକୁ ଏହା ପ୍ରଦର୍ଶିତ କରୁଛି। ସେଲ୍ର ଉତ୍ପାଦ ପୋର୍ଟଫୋଲିଓରେ ପାଇପ୍ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ହୋଇଥିବାରୁ ଉତ୍ପାଦନକୁ ସର୍ବୋତମ ସ୍ତରରେ ପହଚାଂଇବା, ଉତ୍ପାଦର ଗୁଣବନ୍ତାରେ ନିରନ୍ତର ଉନ୍ନତି ଆଣିବା ଏବଂ ମୂଲ୍ୟଯୁକ୍ତ ପାଇପ୍ ଉତ୍ପାଦର ପରିସର ବୃଦ୍ଧି କରିବା ଉପରେ ରଣନୈତିକ ଗୁରୁତ୍ୱ ଦିଆଯାଉଛି। ଏହି ପ୍ରୟାସ ରାଉରକେଲାର ଇ ଆର ଡବ୍ଲ୍ୟୁ ପାଇପ୍ ପ୍ଲାଂଟକୁ ନିଜର ଅଭିବୃଦ୍ଧି ଧାରାକୁ ଅବ୍ୟାହତ ରଖିବା ସହ ଦେଶର ଭିତିଭୂମି ଏବଂ ଶିଳ୍ପ ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ରଖିବାରେ ସକ୍ଷମ କରୁଛି।

## ବନ୍ୟା ସ୍ଥିତିର ଅନୁଧ୍ୟାନ କଲେ ଜିଲ୍ଲାପାଳ

ମାଲକାନଗିରି,୧୩/୯(ନି/ପ୍ର): ମାଲକାନଗିରି ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଦେଖାଦେଇଥିବା ବନ୍ୟା ସ୍ଥିତିର ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ବନଖଣ୍ଡ ଅଧିକାରୀ ସାଇ କିରନ ଡିଏନ ଓ ଅନ୍ୟାନ ଅଧିକାରୀ ପୋଟେରୁ ସମେତ ବିଭିନ୍ନ ବନ୍ୟାଚଂଳ ପରିଦର୍ଶନ କରି ଲୋକମାନଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି। ବ୍ରିଜ୍ ର ଦୁଇ ପାର୍ଶ୍ୱରେ ଅଟକି ରହିଥିବା ଯାତ୍ରୀ ଓ ଗାଡି ଚାଳକମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଂଟନ କରାଯାଉଛି। ୪୦୦ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଯାଇଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶନିବାର ଜିଲ୍ଲାର ସମସ୍ତ ସ୍କୁଲ-କଲେଜ ବନ୍ଦ ଘୋଷଣା କରାଯାଇଛି।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ଭଦ୍ରକ,୧୩/୯(ନି/ପ୍ର):ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ବନ୍ତ ବ୍ଲକ ପଚାଂୟତ ଉଚ୍ଚ ବିଦ୍ୟାଳୟ ପଧାନପଡା ପରିସରରେ ପାଳିତ ହୋଇଯାଇଛି। ଏଥିରେ ଷ୍ଟେଟ ରିସୋର୍ସ କୋଡିନେଟର ତଥା ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷକ ଅରୁଣ କୁମାର ବାରିକଙ୍କୁ ପ୍ରଥମେ ବିଦ୍ୟାଳୟ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଶ୍ରୀ ବାରିକଙ୍କ ସଂଯୋଜନାରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସାଧାରଣ ଜ୍ଞାନ, ତର୍କ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା। ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଭେନ୍ଦୁ ଶେଖର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସେକ ଜଲ୍ଲାଲୁଦ୍ଦିନ ଓ ମୁଖ୍ୟବକ୍ତା ବନବିହାରୀ ସରକାରୀ ନୋଡାଲ୍ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ସାହୁ ଏବଂ ସମ୍ମାନିତ ଅତିଥି ବନବିହାରୀ ସରକାରୀ ନୋଡାଲ୍ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ।